ସତ୍ୟବାଦୀ ମନୁଷ୍ୟ ମା' ଭଳି ବିଶ୍ୱସନୀୟ, ଜନତାଙ୍କ ଗୁରୁ ଭଳି ପୂଜ୍ୟ ଓ ସଜ୍ଜନ ବ୍ୟକ୍ତି ଭଳି ସମସ୍ତଙ୍କ ପ୍ରିୟ ହୋଇଥାନ୍ତି।
- ଭଗବାନ ବୁଦ୍ଧ



୨୦୨୦କୁ ସ୍ୱାଗତ


ଭୁବନେଶ୍ୱର ଖଣ୍ଡଗିରି


ଇନ୍ଦିରା ଗାନ୍ଧୀ ପାର୍କ


ଶିଖରଚଣ୍ଡୀ ପାହାଡ଼


କଟକ ଖାନନଗର ପାର୍କ

# ଦିଅଁ ଦର୍ଶନରୁ ଦିନ ଆରମ୍ଭ

ଭୁବନେଶ୍ୱର, ୧।୧(ବ୍ୟୁରୋ): ବିଦାୟ ନେଇଛି ୨୦୧୯। ନୂଆ ଆଶା, ନୂଆ ସମ୍ଭାବନା ନେଇ ଆସିଛି ୨୦୨୦। ବୁଧବାର ନୂଆବର୍ଷର ପହିଲି ଦିନ ହୋଇଥିବାରୁ ଲୋକଙ୍କ ମନରେ ଦେଖିବାକୁ ମିଳିଥିଲା ଅନେକ ଉତ୍ସାହ ଓ ଉଦ୍ଦୀପନା। ମଙ୍ଗଳବାର ଧୁମ୍‌ଧାମ୍‌ରେ ପୁରୁଣା ବର୍ଷକୁ ବିଦାୟ ଦେବା ସହ ଜିରୋ ଆୱାରରେ ନବବର୍ଷକୁ ସ୍ୱାଗତ କରିବା ପରେ ବୁଧବାର ମଧ ରାଜଧାନୀରେ ଲାଗି ରହିଥିଲା ଉତ୍ସବର ପରିବେଶ। ସକାଳୁ ବର୍ଷର ପ୍ରଥମ ଦିନ ନିଆରା ଭାବେ ବିତେଇବାକୁ ସମସ୍ତେ ଲାଗିପଡ଼ିଥିଲେ। ୨୦୨୦ ସମସ୍ତଙ୍କ ପାଇଁ ଯେପରି ଭଲରେ କଟିବ, ସେଥିଲାଗି ସକାଳୁ ସକାଳୁ କିଏ ମନ୍ଦିର ଯାଇ ଭଗବାନଙ୍କୁ ପ୍ରାର୍ଥନା କରିଥିଲେ ତ ଆଉ କିଏ ଘରେ ରହି ସୁସ୍ୱାଦୁ ବ୍ୟଞ୍ଜନର ମଜା ନେଇଥିଲେ। ମଙ୍ଗଳବାର ମଧରାତ୍ରରୁ ଆରମ୍ଭ ହୋଇଥିବା ଉତ୍ସବର ମାହୋଲ ବୁଧବାର ଦିନସାରା ଦେଖିବାକୁ ମିଳିଥିଲା।


ଭୁବନେଶ୍ୱର ରାମମନ୍ଦିର

## ଆମିଷ ବଜାରରେ ଜମିଲା ବ୍ୟବସାୟ



ନୂଆବର୍ଷର ପହିଲି ଦିନ ବୁଧବାର ପଡ଼ିଥିବାରୁ ଆମିଷ ବଜାରରେ ଭଲ ବ୍ୟବସାୟ ହୋଇଥିଲା। ରାଜଧାନୀର ବିଭିନ୍ନ ମାର୍କେଟରେ ଆମିଷ କିଣିବାକୁ ଲୋକଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଲୋକମତ ଅନୁସାରେ ବୁଧବାର ଆମିଷ ବାର ହୋଇଥିବାରୁ ଅଧିକାଂଶ ଲୋକ ଆମିଷ ଖାଦ୍ୟ ଉପରେ ଗୁରୁତ୍ୱ ଦେଇଥାନ୍ତି। ତେଣୁ ନିଶ୍ଚିତ ଭଲ ବ୍ୟବସାୟ ହେବ ବୋଲି ବ୍ୟବସାୟୀମାନେ ଜାଣିଥିଲେ। ଏହାକୁ ଦୃଷ୍ଟିରେ ରଖି ମାଛ, ମାଂସ ସବୁ ଚଢ଼ା ଦରରେ ବିକ୍ରି କରାଯାଇଥିଲା। ରୋହି ଓ ଭାକୁର ମାଛ କିଲୋ ପିଛା ୧୨୦ରୁ ଆରମ୍ଭ ହୋଇ ୨୫୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥିବାବେଳେ ଚିଙ୍ଗୁଡ଼ି ୬୦୦ରୁ ୧୨୦୦ଟଙ୍କା ପର୍ଯ୍ୟନ୍ତ ବିକ୍ରି ହୋଇଥିଲା। ସେହିପରି ଚିକେନ୍ ୨୦୦ରୁ ୨୫୦ ଏବଂ ମଟନ୍ ୮୦୦ଟଙ୍କା ଛୁଇଁଥିଲା।

## ଜମିଲା ଫୁଲ ବେପାର

ନୂଆବର୍ଷ ଉପଲକ୍ଷେ ରାଜଧାନୀରେ ଫୁଲ ଦର ଆକଶଛୁଆଁ ରହିଥିଲା। ସକାଳୁ ସକାଳୁ ଫୁଲ ଦୋକାନୀମାନେ ଭଳିକିଭଳି ଫୁଲତୋଡ଼ା ପ୍ରସ୍ତୁତ କରି ଦୋକାନ ଆଗରେ ପସରା ମେଲେଇ ବସିଥିଲେ। ଦେଶୀ ସାଙ୍ଗକୁ ରଙ୍ଗବେରଙ୍ଗ ବିଦେଶୀଫୁଲ ଦୋକାନରେ ଉପଲବ୍ଧ ଥିଲା। ହେଲେ ଗୋଲାପର ଡିମାଣ୍ଡ ଅଧିକ ରହିଥିବା ଦେଖିବାକୁ ମିଳିଥିଲା। ସକାଳ ହେବା କ୍ଷଣି ଫୁଲ ଦୋକାନ ଆଗରେ ପ୍ରବଳ ଭିଡ଼ ଜମିଥିଲା। ଅନେକେ ଫୁଲ କିଣିବା ପାଇଁ ପୂର୍ବରୁ ମଧ ବରାଦ ଦେଇଥିଲେ। ତେଣୁ ଫୁଲ ଦୋକାନୀମାନେ ଗ୍ରାହକଙ୍କ ଚାହିଦା ମୁତାବକ ଫୁଲ ମଗାଇଥିଲେ। ଫୁଲତୋଡ଼ା, ବାସ୍କେଟ୍ ପରି ବିଭିନ୍ନ ଭେରାଇଟି ଫୁଲ ନେବାକୁ ଗ୍ରାହକଙ୍କ ଡିମାଣ୍ଡ ରହିଥିଲା। ଅର୍କିଡ୍, ଜର୍‌ବେରା, ଲିଲିୟମ୍, ଗ୍ଲାଡିଓଲି ଭଳି ଫୁଲର ଚାହିଦା ସାମାନ୍ୟ ଅଧିକ ଥିଲା। ଗୋଟା ଫୁଲର ମୂଲ୍ୟ ୨୦ଟଙ୍କାରୁ ଆରମ୍ଭ କରି ୨୦୦ଟଙ୍କା ପର୍ଯ୍ୟନ୍ତ ରହିଥିବାବେଳେ ସୁସଜ୍ଜିତ ଫୁଲତୋଡ଼ାର ମୂଲ୍ୟ ସମାନ୍ୟ ଅଧିକ ରହିଥିଲା। ରାଜଧାନୀର ବିଭିନ୍ନ ଫୁଲ ଦୋକାନରେ ଫୁଲତୋଡ଼ାର ମୂଲ୍ୟ ୨୦୦ଟଙ୍କାରୁ ଆରମ୍ଭ କରି ୧୦ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିଲା। ସେହିପରି ଗୋଲାପରେ ପ୍ରସ୍ତୁତ ବାସ୍କେଟ୍‌ର ମୂଲ୍ୟ ୩୦୦ଟଙ୍କାରୁ ଆରମ୍ଭ କରି ୮ହଜାର ଟଙ୍କା ପର୍ଯ୍ୟନ୍ତ ରହିଥିଲା।


କଟକଚଣ୍ଡୀ ମନ୍ଦିର

## ମନ୍ଦିରରେ ଭିଡ଼

ଜିରୋ ଆୱାରରେ ପାଶ୍ଚାତ୍ୟ ଶୈଳୀରେ ରାଜଧାନୀବାସୀ ନୃତ୍ୟ, ସଙ୍ଗୀତ ସାଙ୍ଗକୁ ଡିଜେ ନାଇଟ୍‌ର ମଜା ନେଇଥିଲେ ହେଁ ନୂତନବର୍ଷର ପ୍ରଥମ ସୂର୍ଯ୍ୟୋଦୟ ପରେ ମନ୍ଦିର ଯିବାକୁ ଭୁଲି ନ ଥିଲେ। ବୁଧବାର ସକାଳୁ ସକାଳୁ ସହରର ସମସ୍ତ ଛୋଟ ବଡ଼ ମନ୍ଦିରଗୁଡ଼ିକରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବିଶେଷକରି ଲିଙ୍ଗରାଜ ମନ୍ଦିର, ରାମ ମନ୍ଦିର, ଇସ୍କନ ମନ୍ଦିର ଓ ଶିରିଡ଼ି ସାଇ ମନ୍ଦିର ଭଳି ପ୍ରମୁଖ ମନ୍ଦିରଗୁଡ଼ିକରେ ପ୍ରବଳ ଗହଳି ପରିଲକ୍ଷିତ ହୋଇଥିଲା। ୨୦୨୦ର ପ୍ରଥମ ଦିନରେ ଶ୍ରଦ୍ଧାଳୁ ଦିଅଁ ଦର୍ଶନ କରି ବର୍ଷଯାକ ଭଲରେ କଟିବା ପାଇଁ ସୁଖଶାନ୍ତି କାମନା କରିଥିଲେ। ଅନ୍ୟପଟେ ଭକ୍ତଙ୍କ ଆଗମନକୁ ଦୃଷ୍ଟିରେ ରଖି ପ୍ରତି ମନ୍ଦିର ସମ୍ମୁଖରେ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲା।




ଭୁବନେଶ୍ୱର ନାଲ୍କୋ ଛକସ୍ଥିତ ଏକ ଫୁଲ ଦୋକାନ




# ନନ୍ଦନକାନନରେ କମିଲେ ବଟାନିକାଲରେ ବଢ଼ିଲେ

ବାରଙ୍ଗ,୧।୧(ଡି.ଏନ୍.ଏ.)

ନୂଆବର୍ଷରେ ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ପର୍ଯ୍ୟଟକଙ୍କ ସଂଖ୍ୟା କମିଥିବାବେଳେ ବଟାନିକାଲ ଗାର୍ଡେନରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢିଥିବାର ଜଣାପଡିଛି। ଚଳିତବର୍ଷର ପ୍ରଥମ ଦିନରେ ନନ୍ଦନକାନନକୁ ମୋଟ ୩୫ହଜାରେ ୮୪୭ଜଣ ପର୍ଯ୍ୟଟକ ଆସିଥିବାବେଳେ ସେମାନଙ୍କଠାରୁ ରାଜସ୍ୱ ବାବଦରେ ୧୫ଲକ୍ଷ ୫ହଜାରେ ଟଙ୍କା ଆଦାୟ ହୋଇଛି। ଯାହାକି ଗତ ରବିବାରଠାରୁ ୪୯୬୭ଜଣ ପର୍ଯ୍ୟଟକ କମ୍ ଆସିଥିବାବେଳେ ଗତବର୍ଷ ନୂଆବର୍ଷଠାରୁ ୭ହଜାରେ ୫୮୦ଜଣ ପର୍ଯ୍ୟଟକ କମ ଆସିଥିବା ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାଶ କହିଛନ୍ତି। ସେହିଭଳି ବଟାନିକାଲ ଗାର୍ଡେନକୁ ନୂଆବର୍ଷରେ ୪୨୬୮ଜଣ ପର୍ଯ୍ୟଟକ ଆସିଥିବାବେଳେ ସେମାନଙ୍କଠାରୁ ରାଜସ୍ୱ ବାବଦରେ ୧ଲକ୍ଷ ୬୯ହଜାରେ ୧୦୦ଟଙ୍କା ଆଦାୟ ହୋଇଛି। ଯାହା ଗତବର୍ଷଠାରୁ ଚଳିତବର୍ଷ ନୂଆବର୍ଷରେ ୧୩୬୦ଜଣ ଅଧିକ ପର୍ଯ୍ୟଟକ ଆସିଛନ୍ତି। ପର୍ଯ୍ୟଟକମାନଙ୍କ ଭିଡ ହେବାର ସମ୍ଭାବନାକୁ ଦୃଷ୍ଟିରେ ରଖି ନନ୍ଦନକାନନ ପକ୍ଷରୁ ଅଧିକ କାଉଣ୍ଟର ଖୋଲିବା ସହିତ ସ୍ୱତନ୍ତ୍ର ବ୍ୟବସ୍ଥାମାନ ଗ୍ରହଣ କରାଯାଇଥିଲେ ମଧ ପର୍ଯ୍ୟଟକମାନଙ୍କ ସଂଖ୍ୟା ବଢ଼ି ନ ଥିଲା। ତେବେ ପର୍ଯ୍ୟଟକମାନେ ନୂଆକରି ଏନ୍‌କ୍ଲୋଜରରେ ଛଡାଯାଇଥିବା କଳାଲୋମଯୁକ୍ତ ବାଘଛୁଆ ସ୍ପନ୍ଦନ ଓ ବାସୁକୁ ଦେଖିବା ପାଇଁ ପ୍ରବଳ ଭିଡ ଲଗାଇଥିବାର ଦେଖିବାକୁ ମିଳିଥିଲା।












ଫଟୋ: ବିକାଶ ନାୟକ


ପୁରୀ ବେଳାଭୂମିରେ ଶ୍ରଦ୍ଧାଳୁମାନେ ବର୍ଷର ପ୍ରଥମ ସୂର୍ଯ୍ୟୋଦୟ ଦେଖୁଛନ୍ତି।


ଶ୍ରୀଜୀଉଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ନୂଆ ବ୍ୟାରିକେଡ୍‌ରେ ଶ୍ରଦ୍ଧାଳୁଙ୍କ ଲମ୍ବା ଧାଡ଼ି।

# ପହିଲି ସୂର୍ଯ୍ୟ ଦର୍ଶନ ପାଇଁ ବେଳାଭୂମିରେ ଭିଡ଼

**ପୁରୀ ଅଫିସ, ୧।୧:** ନୂଆବର୍ଷକୁ ସ୍ୱାଗତ ଏବଂ ମହାପ୍ରଭୁଙ୍କ ଦର୍ଶନ ପାଇଁ ପୁରୀରେ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପ୍ରବଳ ଭିଡ ଜମିଥିଲା। ମଙ୍ଗଳବାର ରାତିରେ ଧୁମ୍‌ଧାମରେ ଜିରୋନାଇଟ୍ ସେଲିବ୍ରେଶନ ପରେ ନୂଆବର୍ଷର ପ୍ରଥମ ସୂର୍ଯ୍ୟ ଦର୍ଶନ ପାଇଁ ବି ଅନେକଙ୍କ ମଧ୍ୟରେ ଥିଲା ଉତ୍କଣ୍ଠା। ପ୍ରବଳ ଶୀତ ସତ୍ତ୍ୱେ ବୁଧବାର ସକାଳୁ ନୂଆବର୍ଷର ପହିଲି ସୂର୍ଯ୍ୟଙ୍କୁ ଦର୍ଶନ କରିବା ଲାଗି ପୁରୀ ଓ ଚନ୍ଦ୍ରଭାଗା ବେଳାଭୂମିରେ ଲୋକେ ଭିଡ଼ ଜମାଇଥିଲେ। ହଜାର ହଜାର ଲୋକ ଉଦିତ ସୂର୍ଯ୍ୟଙ୍କୁ ଦର୍ଶନ କରିବା ପରେ ବିଭିନ୍ନ ମନ୍ଦିରକୁ ଯାଇ ନୂଆବର୍ଷର ଶୁଭ ମନାସିଥିଲେ।



## ପିକ୍‌ନିକ ସ୍ପଟ୍‌ରେ ଭୋଜିଭାତ ଆସର

ପୁରୀ ଜିଲାର ବିଭିନ୍ନ ପିକ୍‌ନିକ ସ୍ପଟ୍ ବିଶେଷକରି ଚନ୍ଦ୍ରଭାଗା, ରାମଚଣ୍ଡୀ, ପୁରୀ–କୋଣାର୍କ ମେରାଇନ ଡ୍ରାଇଭରୋଡ ଜଙ୍ଗଲ, ବାଲି ହରଚଣ୍ଡି, ସାତପଡାରେ ଭୋଜିଭାତର ଆସର ଜମିଥିଲା। ବିଭିନ୍ନ ପୀଠରେ ଠାକୁର ଦର୍ଶନ ସାରି ଲୋକେ ପିକ୍‌ନିକ ସ୍ଥଳକୁ ମୁହାଁଇଥିଲେ। ରାମଚଣ୍ଡୀ ଓ ଚନ୍ଦ୍ରଭାଗାକୁ ଯାଉଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ବାଲୁଖଣ୍ଡ ଅଭୟାରଣ୍ୟରେ ବଣଭୋଜି କରୁଥିବା ଦେଖିବାକୁ ମିଳିଥିଲା। ସେହିପରି ଅନେକେ ରାମଚଣ୍ଡୀ ନିକଟ କୁଶଭଦ୍ରା ନଦୀରେ ବୋଟିଂ ଏବଂ ୱାଟର ସ୍କୁଟରର ମଜା ଉଠାଇଥିଲେ। ବାଲିହରଚଣ୍ଡୀ ଓ ସାତପଡ଼ାରେ ବି ପର୍ଯ୍ୟଟକଙ୍କ ସମାଗମ ହୋଇଥିଲା। ସୁରକ୍ଷା ଦୃଷ୍ଟିରୁ ପର୍ଯ୍ୟଟନସ୍ଥଳୀଗୁଡିକରେ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ଶୃଙ୍ଖଳା ପାଇଁ ବ୍ୟାପକ ବନ୍ଦୋବସ୍ତ

ଶୃଙ୍ଖଳିତ ଦର୍ଶନ ଓ ଆଇନ ଶୃଙ୍ଖଳା ରକ୍ଷା ଲାଗି ୬୫ ପ୍ଲାଟୁନ ପୋଲିସ ଓ ୨୭୬ ପୋଲିସ ଅଧିକାରୀ ନିୟୋଜିତ ହୋଇଥିଲେ। ରେଡ୍‌କ୍ରସ ପକ୍ଷରୁ ପାନୀୟଜଳ ବ୍ୟବସ୍ଥା ସହ ଅଗ୍ନିଶମ, ଆମ୍ବୁଲାନ୍ସ ବ୍ୟବସ୍ଥା ରହିଥିଲା। ଆଶୁ ଚିକିତ୍ସା କେନ୍ଦ୍ର ଏବଂ ହଜିବା ଖୋଜିବା କେନ୍ଦ୍ରର ସୁବିଧା କରାଯାଇଥିଲା। ପୁରୀ ସହରସ୍ଥ ଜଗନ୍ନାଥବଲ୍ଲଭ, ପୁରୁଣା ଜେଲ, ତାଳବଣିଆ, ଆଇଟିଆଇ କ୍ୟାମ୍ପସ, ଇନ୍‌ଡୋର ଷ୍ଟାଡିୟମ ଆଦି ସ୍ଥାନରେ ଦୁଇ ଓ ଚାରିଚକିଆ ଯାନର ପାର୍କିଂ କରାଯାଇଥିଲା। ଜିଲାପାଳ ବଳୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ଏବଂ ବରିଷ୍ଠ ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟ ହୋଇଥିଲା।

## ବଡ଼ଦାଣ୍ଡରେ ବଡ଼ ବ୍ୟାରିକେଡ

ନୂଆବର୍ଷ ଉପଲକ୍ଷେ ଭକ୍ତଙ୍କ ସୁବିଧାକୁ ଏଥର ଅଧିକ ପ୍ରାଧାନ୍ୟ ଦିଆଯାଇଥିଲା। ପାନୀୟ ଜଳ, ଜୋତା ଓ ମୋବାଇଲ ଷ୍ଟାଣ୍ଡ ବ୍ୟବସ୍ଥା ହୋଇଥିବା ବେଳେ ଶୃଙ୍ଖଳିତ ଦର୍ଶନ ଲାଗି ପାଦଚଲା କରିଡର କରାଯାଇଛି। ଏହି କରିଡର ପାଇଁ ବଡ଼ଦାଣ୍ଡରେ ହୋଇଛି ବଡ଼ ବ୍ୟାରିକେଡ। ଜିଲାପାଳ ବଳୱନ୍ତ ସିଂ କହିଛନ୍ତି, ପ୍ରାୟ ଦେଢ କିମିର ଏହି ବ୍ୟାରିକେଡ ହେଉଛି ନିଶ୍ଚିତ ଏକ ବଡ ବ୍ୟାରିକେଡ। ଶୃଙ୍ଖଳିତ ଦର୍ଶନ ଲାଗି ପର୍ଯ୍ୟାୟକ୍ରମେ ଭକ୍ତଙ୍କୁ ଛଡା ଯାଉଥିବା ବେଳେ ଦୀର୍ଘ ସମୟ ପର୍ଯ୍ୟନ୍ତ ସେମାନଙ୍କୁ ବ୍ୟାରିକେଡରେ ଅପେକ୍ଷା କରିବାକୁ ପଡ଼ିଥିଲା। କିନ୍ତୁ ଏଥିରେ ବ୍ୟଥିତ ନ ହୋଇ ଶ୍ରଦ୍ଧାଳୁମାନେ ପ୍ରଶାସନକୁ ସହଯୋଗ କରିବା ନିଶ୍ଚିତ ବଡ଼ କଥା ବୋଲି ଜିଲାପାଳ କହିଛନ୍ତି।

## ନବବର୍ଷରେ ସୂର୍ଯ୍ୟମନ୍ଦିର, ଚନ୍ଦ୍ରଭାଗା ଲୋକାରଣ୍ୟ



**କୋଣାର୍କ,୧।୧(ଡି.ଏନ୍.ଏ.):** ନବବର୍ଷ ୨୦୨୦ ଉପଲକ୍ଷେ ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ କୋଣାର୍କ, ଚନ୍ଦ୍ରଭାଗା, ଭଗବତୀ ଓ ରାମଚଣ୍ଡୀଠାରେ ଲୋକାରଣ୍ୟ ହୋଇଥିବା ଦେଖାଯାଇଛି। ନବବର୍ଷର ପ୍ରଥମ ସୂର୍ଯ୍ୟୋଦୟ ଦେଖିବା ପାଇଁ କୋଣାର୍କ ନିକଟସ୍ଥ ଚନ୍ଦ୍ରଭାଗା ସମୁଦ୍ର କୂଳରେ ପର୍ଯ୍ୟଟକ ଓ ଜନସାଧାରଣଙ୍କ ଆଶାତୀତ ଭିଡ଼ ଲାଗିରହିଥିଲା। ପର୍ଯ୍ୟଟକମାନେ ସୂର୍ଯ୍ୟନାରାୟଣଙ୍କ ଦର୍ଶନ କରିବା ସହ ପରିବାରର ରିଷ୍ଟ ଖଣ୍ଡନ ପାଇଁ ପୂଜାର୍ଚ୍ଚନା କରିଥିଲେ। ପରେ ସୂର୍ଯ୍ୟମନ୍ଦିର ପରିଦର୍ଶନ କରିବା ସହ ନବଗ୍ରହ ମନ୍ଦିରରେ ପୂଜା କରିଥିଲେ। ବର୍ଷର ପ୍ରଥମ ଦିନରେ ସୂର୍ଯ୍ୟମନ୍ଦିରରେ ୧୬ହଜାର ୫୯୦ଜଣ ଭାରତୀୟ ପର୍ଯ୍ୟଟକ ଓ ୨୭ଜଣ ବିଦେଶୀ ପର୍ଯ୍ୟଟକ ବୁଲିବାକୁ ଆସିଥିବା କୋଣାର୍କ ସୂର୍ଯ୍ୟମନ୍ଦିର ଦାୟିତ୍ୱରେ ଥିବା ଅଧିକାରୀ ନିରଜ ସିଂ କହିଛନ୍ତି। ଏହି ଅବସରରେ କୋଣାର୍କ ଥାନା ଛକଠାରୁ ଲଜ୍ ଛକ, ଚନ୍ଦ୍ରଭାଗାଠାରୁ ରାମଚଣ୍ଡୀ ପୀଠ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା।



## କାଳିଜାଇଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼

**କୃଷ୍ଣପ୍ରସାଦ,୧।୧(ଡି.ଏନ.ଏ.):** ଇଂରାଜି ନୂଆବର୍ଷର ପ୍ରଥମ ଦିବସ ଅବସରରେ ବୁଧବାର ବହୁସଂଖ୍ୟାରେ ଶ୍ରଦ୍ଧାଳୁ ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା' କାଳିଜାଇଙ୍କ ପୀଠରେ ଦର୍ଶନ କରିବା ସହ ସ୍ୱତନ୍ତ୍ର ଭାବେ ପୂଜାର୍ଚ୍ଚନା କରିଥିଲେ। ନୂଆବର୍ଷର ପ୍ରାରମ୍ଭରେ ମା'ଙ୍କ ପହିଲି ଦର୍ଶନ କରିବା ତଥା ମା'ଙ୍କ କୃପା ଲାଭ କରିବା ନିମନ୍ତେ ପ୍ରତ୍ୟୁଷରୁ ଶ୍ରଦ୍ଧାଳୁମାନଙ୍କ ଭିଡ ଲାଗିଥିଲା। ଭକ୍ତମାନେ ଧାଡି ବାନ୍ଧି ଶୃଙ୍ଖଳାର ସହ ମା'ଙ୍କୁ ଦର୍ଶନ କରିବା ସହ ଦୀପ ପ୍ରଜ୍ୱଳନ କରିଥିଲେ। ଭକ୍ତମାନଙ୍କ ହରି ବୋଲ ହୁଳହୁଳି ଶବ୍ଦରେ ଚିଲିକା ମଧ୍ୟରେ ଥିବା ମା'ଙ୍କର ଏହି ପାହାଡ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି ହୋଇଥିଲା। କୃଷ୍ଣପ୍ରସାଦ ଥାନା ପକ୍ଷରୁ ଆଇଆଇସି ଅଭିମନ୍ୟୁ ନାୟକଙ୍କ ତତ୍ତ୍ୱାବଧାନରେ ଏଏସ୍‌ଆଇ ଯୁଗଳ କିଶୋର ଜେନାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

## ମହାପ୍ରଭୁଙ୍କୁ ଦର୍ଶନ କଲେ ବହୁ ବିଶିଷ୍ଟ ବ୍ୟକ୍ତି

ପୁରୀ ଅଫିସ, ୧।୧

ନବବର୍ଷର ପ୍ରଥମ ଦିନରେ ବୁଧବାର ବହୁ ବିଶିଷ୍ଟ ବ୍ୟକ୍ତି ଶ୍ରୀମନ୍ଦିରକୁ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଥିଲେ। ସେମାନଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ତଥା ୫–ଟି ସଚିବ ଭି. କାର୍ତ୍ତିକେୟନ ପାଣ୍ଡିଆନ, ତାଙ୍କ ସହଧର୍ମିଣୀ ତଥା ମିଶନ ଶକ୍ତିର ନିର୍ଦ୍ଦେଶିକା ସୁଜାତା କାର୍ତ୍ତିକେୟନ, କ୍ରୀଡ଼ାମନ୍ତ୍ରୀ ତୁଷାରକାନ୍ତି ବେହେରା ଏବଂ ପୂର୍ବ ସଚିବ ତଥା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ କ୍ରିଷନ କୁମାର ପ୍ରମୁଖ ରହିଥିଲେ। ଏହି ବିଶିଷ୍ଟ ବ୍ୟକ୍ତିମାନେ ରାଜ୍ୟବାସୀଙ୍କର ସୁଖ, ସମୃଦ୍ଧି କାମନା କରିଥିବା ପ୍ରକାଶ କରିଛନ୍ତି।

## ଜିରୋ ନାଇଟ୍‌ରେ କମିଶନରେଟ ପୋଲିସର ଚେକିଂ, ବ୍ଲକିଂ
# ଟ୍ୱିନ୍‌ସିଟିରେ ଚାଲାଣ କାଟିଲେ ୩୩ ମଦ୍ୟପ

**ଭୁବନେଶ୍ୱର, ୧।୧(ବ୍ୟୁରୋ):** ନବବର୍ଷ ଓ ଜିରୋ ନାଇଟ୍ ସେଲିବ୍ରେଶନ ପାଇଁ ଟ୍ୱିନ୍‌ସିଟି କମିଶନରେଟ ପୋଲିସ ପକ୍ଷରୁ କଟକ ଓ ଭୁବନେଶ୍ୱର ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ବିଶେଷକରି ୩୧ ତାରିଖ ରାତିରେ ବିଭିନ୍ନ ଛକରେ ପୋଲିସ ପକ୍ଷରୁ ଚେକିଂ ଓ ବ୍ଲକିଂ କରାଯାଇଥିଲା। ଯାଞ୍ଚବେଳେ ମଦ ପିଇ ଗାଡ଼ି ଚଳାଉଥିବା ୩୩ଜଣ ଚାଳକ ଧରାପଡ଼ିଥିଲେ। ଭୁବନେଶ୍ୱରରୁ ୨୨ଜଣ ଓ କଟକରେ ୧୧ଜଣ ମଦ୍ୟପ ଚାଳକଙ୍କୁ ଧରି ପୋଲିସ ୧୦୦୦ଟଙ୍କା ଲେଖାଏ ଚାଲାଣ କାଟି ଜରିମାନା ଆଦାୟକରି ଛାଡ଼ିଥିଲା।

### ରାତିରେ ସୁରକ୍ଷା ଯାଞ୍ଚକଲେ ପୋଲିସ କମିଶନର

ଅନ୍ୟପକ୍ଷରେ ମଧ୍ୟରାତ୍ରିରେ ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ ରାଜଧାନୀର ବିଭିନ୍ନ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଥିଲେ। ସେ କର୍ତ୍ତବ୍ୟରତ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଏକାଠି ଚା' ପିଇଥିଲେ। ଏହାର ଏକ ଫଟୋ ସୋସିଆଲ ମିଡିଆରେ ସେୟାର କରି ପୋଲିସ କର୍ମଚାରୀଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ। ସେହିପରି ଟ୍ରାଫିକ ଡିସିପି ସାଗରିକା ନାଥ ଏବଂ ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ ରାଜଧାନୀର ବିଭିନ୍ନ ସମ୍ବେଦନଶୀଳ ଟ୍ରାଫିକ ଛକରେ ଉପସ୍ଥିତ ରହି ସୁରକ୍ଷା ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ବିଭିନ୍ନ ବର୍ଗର ଲୋକେ ଉଭୟଙ୍କୁ ପୁଷ୍ପଗୁଚ୍ଛ ଦେଇ ନବବର୍ଷର ଶୁଭେଚ୍ଛା ବର୍ତ୍ତା ଜଣାଇବା ସହ ସେଲଫି ନେଇଥିଲେ।

### ୧୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା, ୨ଜଣଙ୍କ ଜୀବନ ଗଲା

ଜିରୋ ନାଇଟ୍‌ରେ କଟକ ଓ ଭୁବନେଶ୍ୱରରେ ୧୦ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ହୋଇଥିଲା। ବିଭିନ୍ନ ସ୍ଥାନରେ ୫ କାର ଦୁର୍ଘଟଣା ଗ୍ରସ୍ତ ହୋଇଥିବାବେଳେ ଜଣଙ୍କର ମୃତ୍ୟୁ ଓ ଏକାଧିକ ଆହତ ହୋଇଥିଲେ। ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥର ସିଫା ନିକଟରେ ଏକ କାର୍ ଦୁର୍ଘଟଣାର ସମ୍ମୁଖୀନ ହୋଇ ପାଣିକୁ ଖସି ପଡିବାରୁ ଡ୍ରାଇଭରଙ୍କର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ଆହତ ହୋଇଥିଲେ। ସେହିପରି ବାଲିଅନ୍ତା–ଭିଙ୍ଗାରପୁର ରାସ୍ତାର ବେଣ୍ଟପୁର ପେଟ୍ରୋଲ ପମ୍ପ ନିକଟରେ ଭୋର୍ ସମୟରେ ଏକ ଟ୍ରକ୍ ଧକ୍କାରେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟପକ୍ଷରେ ନାଲ୍‌କୋ ଛକରୁ ଚନ୍ଦ୍ରଶେଖରପୁର ଯିବା ରାସ୍ତାର ରେଳ ଭବନ ନିକଟରେ ୨ଟି କାର ଦୁର୍ଘଟଣାଗ୍ରସ୍ତ ହୋଇ ଫୁଟ୍‌ପାଥ୍ ଉପରକୁ ଚଢିଯାଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ହସ୍ପିଟାଲ ପଠାଇଥିଲା। ସେହିପରି ବାଣୀବିହାର ଛକ ନିକଟ ଡିସିପି ଅଫିସ ସମ୍ମୁଖରେ ଦୁଇ କାର୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏହାକୁ ନେଇ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରିଥିଲା।

## ଜୟଦେବ ପୀଠରେ କମିଲେ ପର୍ଯ୍ୟଟକ

**ବାଲିଅନ୍ତା,୧।୧(ଡି.ଏନ୍.ଏ):** ନୂଆବର୍ଷ ଉପଲକ୍ଷେ ବାଲିଅନ୍ତା ବ୍ଲକ ଅଧୀନ କେନ୍ଦୁଲିସ୍ଥିତ ପର୍ଯ୍ୟଟନ କେନ୍ଦ୍ର ଜୟଦେବ ପୀଠରେ ସେଭଳି ଭିଡ଼ ଦେଖିବାକୁ ମିଳି ନ ଥିଲା। ପୂର୍ବବର୍ଷ ଅପେକ୍ଷା ଚଳିତବର୍ଷ ପର୍ଯ୍ୟଟକ ସଂଖ୍ୟା ଆଶାତୀତ କମ୍ ଥିଲା। ଜୟଦେବ ପୀଠରେ ନାନା ଅବ୍ୟବସ୍ଥା ଯୋଗୁ ପର୍ଯ୍ୟଟକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବାତ୍ୟା ଫନୀ ଯୋଗୁ ଜୟଦେବ ପୀଠର ସବୁଜିମା ଉଜୁଡ଼ିଯାଇଛି। ଏବେ ପୀଠ ସାରା ଅନାବନା ଗଛ ଉଠି ଜଙ୍ଗଲମୟ ଓ ପରିବେଶ ଅଳିଆ ଆବର୍ଜନା ହୋଇଥିବା ଯୋଗୁ ଆସୁଥିବା ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏଥିସହିତ ଦୀର୍ଘବର୍ଷ ହେଲା ପୀଠ ପରିସରରେ ଥିବା ଜୟଦେବ ସଂଗ୍ରହାଳୟଟି ପନରୁଦ୍ଧାର ଆଳରେ ବନ୍ଦ ରଖାଯାଇଥିବାରୁ ପର୍ଯ୍ୟଟକମାନେ ନିରାଶରେ ଫେରିଥିଲେ। ଏ ନେଇ ପୀଠକୁ ବୁଲିବାକୁ ଆସିଥିବା ଭୁବନେଶ୍ୱରର ସଞ୍ଜୁକ୍ତା ସାହୁ କୁହନ୍ତି, ପୀଠର ନାଁ ଅଛି ବୋଲି ଲୋକେ ଜାଣି ଏଠାକୁ ଆସୁଛନ୍ତି। କିନ୍ତୁ ଏଠାରେ ଅବ୍ୟବସ୍ଥା ଦେଖି ଦୁଃଖ ପ୍ରକାଶ କରୁଛନ୍ତି। ପୀଠ ସାରା ସଫାସୁତୁରା ନ ହୋଇଥିବାରୁ ଜଙ୍ଗଲ ପରିବେଶ ହୋଇଗଲାଣି। ଏଥିପ୍ରତି ଦୃଷ୍ଟି ଦେଇ ଏହାର ଯତ୍ନ ନେବା ଆବଶ୍ୟକ।





## ପ୍ଲାନେଟାରିୟମ୍‌ରେ ୧,୮୪୯ ପର୍ଯ୍ୟଟକ

**ଭୁବନେଶ୍ୱର, ୧।୧ (ବ୍ୟୁରୋ):** ନୂଆବର୍ଷ ପାଇଁ ପଠାଣୀ ସାମନ୍ତ ପ୍ଲାନେଟାରିୟମ୍‌କୁ ରେକର୍ଡ ସଂଖ୍ୟକ ପର୍ଯ୍ୟଟକ ଆସିଛନ୍ତି। ବୁଧବାର ସକାଳ ୧୦ଟାରୁ ରାତି ୭ଟା ମଧ୍ୟରେ ମୋଟ ୧୮୪୯ ଜଣ ପର୍ଯ୍ୟଟକ ପ୍ଲାନେଟାରିୟମ୍ ବୁଲିବା ସହ ଶୋ' ଦେଖିଛନ୍ତି। ଗହଳିକୁ ଲକ୍ଷ୍ୟ କରି ପ୍ଲାନେଟାରିୟମ୍ ପକ୍ଷରୁ ହିନ୍ଦୀ ଓ ଓଡ଼ିଆ ଭାଷାରେ ୧୬ ଶୋ' କରାଯାଇଥିଲାବେଳେ ମୋଟ ୪୯,୦୫୦ ଟଙ୍କା ଆଦାୟ କରାଯାଇଛି। ସେହିପରି ଡିସେମ୍ବର ୨୧ରୁ ଏଯାବତ୍ ମୋଟ୍ ୨୨,୪୪୧ଜଣ ପର୍ଯ୍ୟଟକ ପ୍ଲାନେଟାରିୟମ୍ ଆସିଥିବାବେଳେ ୪ଲକ୍ଷ ୯୩ହଜାର ୨୭୫ ଟଙ୍କା ଆଦାୟ କରାଯାଇଛି। ଗତ ୩୦ବର୍ଷ ମଧ୍ୟରେ ଏହା ସର୍ବାଧିକ ବୋଲି ପ୍ଲାନେଟାରିୟମ୍ ଉପନିର୍ଦ୍ଦେଶକ ଶୁଭେନ୍ଦୁ ପଟ୍ଟନାୟକ କହିଛନ୍ତି।

### ■ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ନୂଆବର୍ଷ ଭେଟି
## ୧୭୯ ପଦବୀ ପୂରଣ ନିମନ୍ତେ ମଞ୍ଜୁରୀ

କଟକ ଅଫିସ,୧।୧

ରାଜ୍ୟ ସରକାରଙ୍କ ପକ୍ଷରୁ ରେଭେନ୍‌ଶା ବିଶ୍ୱବିଦ୍ୟାଳୟକୁ ନୂଆବର୍ଷରେ ଏକ ଭେଟି ପ୍ରଦାନ କରାଯାଇଛି। ବିଶ୍ୱବିଦ୍ୟାଳୟରେ ଫାଙ୍କା ପଡ଼ିଥିବା ୧୭୯ ଅଧ୍ୟାପକ ପଦବୀକୁ ଖୁବ୍‌ଶୀଘ୍ର ପୂରଣ କରିବା ନିମନ୍ତେ ରାଜ୍ୟ ସରକାର ବୁଧବାର ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏକ ନିର୍ଦ୍ଦିଷ୍ଟ ସମୟ ଅବଧି ପ୍ରଦାନ କରାଯାଇଥିବାବେଳେ ଏହା ମଧ୍ୟରେ ଅଧ୍ୟାପକ ନିଯୁକ୍ତି ଶେଷ କରିବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ କୁହାଯାଇଛି। ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଶ୍ୱବିଦ୍ୟାଳୟ କୁଳସଚିବ ମହେଶ୍ୱର ଅଗସ୍ତିଙ୍କ ନିକଟକୁ ଏକ ଚିଠି ମଧ୍ୟ ଆସିଛି।

୨୦୧୪ରୁ ଏହି ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ନିଯୁକ୍ତି ଉପରେ ଏକ ପ୍ରକାର ଅଙ୍କୁଶ ଲାଗିଛି। ଯାହାଫଳରେ ପାଠପଢାଠାରୁ ଆରମ୍ଭକରି ପ୍ରଶାସନିକ କାର୍ଯ୍ୟ ପରିଚାଳନା କରିବାରେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରେଭେନ୍‌ଶା ବିଶ୍ୱବିଦ୍ୟାଳୟରେ ୨୯ଟି ପ୍ରଫେସର ପଦବୀ ମଞ୍ଜୁରୀପ୍ରାପ୍ତ ରହିଥିବାବେଳେ ଏବେ ୨୪ ପଦବୀ ଫାଙ୍କା ରହିଛି। ସେହିପରି ୭୧ଟି ଆସୋସିଏଟ ପ୍ରଫେସର ପଦବୀ ମଞ୍ଜୁରୀପ୍ରାପ୍ତ ରହିଥିବାବେଳେ ୪୫ଟି ପଦବୀ ଫାଙ୍କା ପଡ଼ିଛି। ୧୬୭ଟି ଆସିଷ୍ଟାଣ୍ଟ ପ୍ରଫେସର ମଞ୍ଜୁରୀପ୍ରାପ୍ତ ପଦବୀରୁ ଏବେ ୬୪ ଜଣ ଅଛନ୍ତି। ଏହାଛଡ଼ା ଦର୍ଶନଶାସ୍ତ୍ର, ମନସ୍ତତ୍ତ୍ୱ ବିଭାଗ ଓ ପ୍ରାଣୀ ବିଜ୍ଞାନରେ ଜଣେ ଲେଖାଏଁ ଅଧ୍ୟାପକ ଠିକାଭିତ୍ତିରେ ନିଯୁକ୍ତ ହୋଇଛନ୍ତି। ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଗାମୀ କିଛିଦିନ ଭିତରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଜଣାପଡ଼ିଛି।

**କୁଳସଚିବଙ୍କୁ ରାଜ୍ୟ ସରକାରଙ୍କ ଚିଠି**

ଏ ନେଇ କୁଳସଚିବ ମହେଶ୍ୱର ଅଗସ୍ତିଙ୍କୁ ପଚାରିବାରୁ ଅଧ୍ୟାପକ ପଦବୀ ପୂରଣ ସମ୍ପର୍କିତ ଏକ ଚିଠି ରାଜ୍ୟ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆସିଥିବା ସ୍ୱୀକାର କରିଥିଲେ ମଧ୍ୟ ବିଶ୍ୱବିଦ୍ୟାଳୟର ପରବର୍ତ୍ତୀ ପଦକ୍ଷେପ କ'ଣ ରହିବ ସେ ନେଇ କୌଣସି ସୂଚନା ଦେଇନାହାନ୍ତି।

### ■ ଶ୍ରୀମନ୍ଦିର ହୁଣ୍ଡିରେ ନୂଆବର୍ଷ ଭିଡ଼ର ପ୍ରଭାବ
## ବାହାରିଲା ୧୧ଲକ୍ଷ ୪୬ ହଜାର ଟଙ୍କା

**ପୁରୀ ଅଫିସ, ୧।୧:** ନୂଆବର୍ଷ ଅବସରରେ ଶ୍ରୀମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ଼ ହୋଇଛି। ପ୍ରାୟ ୫ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଶ୍ରୀକ୍ଷେତ୍ର ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶୀର୍ବାଦ କାମନା କରିଛନ୍ତି। ଏହାର ପ୍ରଭାବ ଶ୍ରୀମନ୍ଦିର ହୁଣ୍ଡିରେ ବି ପଡ଼ିଛି। ବୁଧବାର ହୁଣ୍ଡିରୁ ବାହାରିଛି ୧୧ ଲକ୍ଷ ୪୬ ହଜାର ୬୫୦ ଟଙ୍କା। ଏଥିସହ ୨ଗ୍ରାମ୍ ୨୪୦ ମିଲିଗ୍ରାମ୍ ସୁନା ଏବଂ ୧୧୧ ଗ୍ରାମ୍ ୫୦୦ ମିଲିଗ୍ରାମ୍ ରୁପା ମିଳିଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଶ୍ରୀମନ୍ଦିର ହୁଣ୍ଡିରେ ଟଙ୍କା, ସୁନା, ରୁପା ଇତ୍ୟାଦି ପକାଇଥାନ୍ତି। କେହି କେହି ମାନସିକ କରି ହୁଣ୍ଡିରେ ବିଭିନ୍ନ ପ୍ରକାର ବସ୍ତ୍ର ମଧ୍ୟ ପକାଇଥାନ୍ତି। ଏହି ଦାନ ଅର୍ଥ ଏବଂ ସୁନା, ଅଳଙ୍କାର ଆଦି ପ୍ରତିଦିନ ସନ୍ଧ୍ୟାରେ ଶ୍ରୀମନ୍ଦିର ବେଢା ପରିସର ଶାଖା କାର୍ଯ୍ୟାଳୟରେ ଗଣତି କରାଯାଇଥାଏ। ପ୍ରତିଦିନ ହୁଣ୍ଡିରୁ କେତେ ଟଙ୍କା ମିଳେ ତାହାକୁ ଶ୍ରୀମନ୍ଦିର ପ୍ରଶାସନ ସର୍ବସାଧାରଣରେ ଅବଗତ କରାଇଥାଏ। ଏପରିକି ଏହି ଗଣତିକୁ ଭକ୍ତମାନେ ସିଧାସଳଖ ଶାଖା କାର୍ଯ୍ୟାଳୟ ବାହାରେ ଲାଗିଥିବା ଏଲ୍‌ଇଡିରେ ଦେଖିଥାନ୍ତି।

ସାଧାରଣ ଦିନଗୁଡ଼ିକରେ ଦେଢଲକ୍ଷରୁ ଦୁଇଲକ୍ଷ ଟଙ୍କା ହୁଣ୍ଡିରୁ ବାହାରିଥାଏ। କିନ୍ତୁ କୌଣସି ପର୍ବପର୍ବାଣି ବା ଛୁଟିଦିନରେ ଏହି ପରିମାଣ ବଢିଥାଏ। କିନ୍ତୁ ନିକଟ ଅତୀତରେ ଏତେ ଟଙ୍କା ହୁଣ୍ଡିରୁ ବାହାରି ନ ଥିଲା ବେଳେ ବୁଧବାର ୧୧ଲକ୍ଷ ୪୬ ହଜାର ୬୫୦ ଟଙ୍କା ବାହାରିଛି। ଏହା କିନ୍ତୁ ସର୍ବାଧିକ ହୁଣ୍ଡି ଆୟ ନୁହେଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ପୂର୍ବରୁ ଆହୁରି ଅଧିକ ଟଙ୍କା ମିଳିଥିବା ଶ୍ରୀମନ୍ଦିର କାର୍ଯ୍ୟାଳୟ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଯୁଗସ୍ରଷ୍ଟା ଶୋଭନୀୟ ଶିକ୍ଷାଶ୍ରମ ପକ୍ଷରୁ ରାଲି, ମାଷ୍ଟରକ୍ୟାଣ୍ଟିନ ଛକ, ସକାଳ ୭ଟା ୩୦। ଶିକ୍ଷାଶ୍ରମ ପକ୍ଷରୁ ଅଲ୍ ଇଣ୍ଡିଆ ୟୁଥ୍ କନଫରେନ୍ସର ଉଦ୍‌ଘାଟନ ଉତ୍ସବ, ସୂଚନା ଭବନ, ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀମତ୍ ସ୍ୱାମୀ ସ୍ୱରୂପାନନ୍ଦ ପରମହଂସ ଦେବଙ୍କ ଜନ୍ମୋତ୍ସବରେ ସମବେତ ଉପାସନା, ଭୁବନେଶ୍ୱର ଅଖଣ୍ଡ ମଣ୍ଡଳୀ, ପ୍ଲଟ ନଂ ୧୭୮, ୟୁନିଟ-୯, ସକାଳ ୯ଟା।
- ଗୁରୁଦ୍ୱାର ସିଂ ସଭା ପକ୍ଷରୁ ପ୍ରକାଶ ପର୍ବ, ଖାରବେଳ ନଗର, ୟୁନିଟ-୩, ପୂର୍ବାହ୍ନ ୧୦ଟା।
- ୩ଜି ଆର୍ଟିଷ୍ଟ ଗ୍ରୁପ ପକ୍ଷରୁ ଅନ୍ତର୍ଜାତୀୟ ପ୍ରଦର୍ଶନୀ, ଲଳିତ କଳା ଏକାଡେମୀ, ପୂର୍ବାହ୍ନ ୧୧ଟା।
- ବୋଉ ଫାଉଣ୍ଡେଶନ ପକ୍ଷରୁ ବୋଉ ଦିବସ, ସୂଚନା ଭବନ, ଅପରାହ୍ନ ୫ଟା ୩୦।

## ପେଲିକାନ ପକ୍ଷୀ ଅଣ୍ଡାରୁ ଫୁଟିଲା ଛୁଆ

**ବାରଙ୍ଗ,୧୧(ଡି.ଏନ୍.ଏ)-** ନୂଆବର୍ଷରେ ନନ୍ଦନକାନନରେ ଏକ ପେଲିକାନ ପକ୍ଷୀ ଦେଇଥିବା ଅଣ୍ଡାରୁ ଫୁଟି ଦୁଇଟି ଛୁଆ ଜନ୍ମ ହୋଇଛି। ବୁଧବାର ସକାଳେ ବିହଙ୍ଗସାରଣୀରେ ଥିବା ଏହି ଜଳଚର ପକ୍ଷୀ ପେଲିକାନର ଅଣ୍ଡାଫୁଟି ଦୁଇଟି ଛୁଆ ବାହାରିଥିବାର ଦାୟିତ୍ୱରେ ଥିବା କର୍ମଚାରୀମାନେ ଦେଖିବାକୁ ପାଇଥିଲେ। ଏହି ନୂଆ ଅତିଥିଙ୍କୁ ମିଶାଇ ନନ୍ଦନକାନନରେ ଏମାନଙ୍କ ସଂଖ୍ୟା ୧୬କୁ ବୃଦ୍ଧିପାଇଛି। ସେଥିମଧ୍ୟରେ ୪ ଅଣ୍ଡିରା, ୪ ମାଈ, ୮ଟିର ଲିଙ୍ଗ ନିରୂପଣ ହୋଇପାରି ନାହିଁ।

## ପିଉସୀ ଘରେ ଝିଆରୀଙ୍କ ଆତ୍ମହତ୍ୟା

**ପୁରୁଣା ଭୁବନେଶ୍ୱର,୧।୧ (ଡି.ଏନ.ଏ.):** ଧଉଳି ଥାନା ଅଧୀନ ନଖାଉର ଗାଁରେ ପିଉସୀ ଘରେ ରହୁଥିବା ଜଣେ ଝିଆରୀ ବୁଧବାର ଘର ଆଜବେଷ୍ଟସରେ କଡିରେ ଓଢଣି ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତା ହେଲେ ପୁରୀ ଜିଲା ବୀରଗୋବିନ୍ଦପୁର ଅଞ୍ଚଳର ଅଙ୍କିତା ମିଶ୍ର। ସେ ଏଠାରେ ପିଉସୀ ଘରେ ରହି ଆସୁଥିଲେ। ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ଜବତ କରିଛି। ଏ ନେଇ ପୋଲିସ (ନଂ. ୧/୨୦) ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଟ୍ରକ୍ ଧକ୍କାରେ ଯୁବକ ମୃତ

**ବାଲିଅନ୍ତା,୧୧(ଡି.ଏନ୍.ଏ)-** ନୂଆବର୍ଷ ଲାଗି ଚାରିଆଡ଼େ ଉତ୍ସବର ମାହୋଲ ଚାଲିଥିବାବେଳେ ବାଲିଅନ୍ତା ଅଞ୍ଚଳରେ ସଡ଼କ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବାଲିଅନ୍ତା-ଭିଙ୍ଗାରପୁର ରାସ୍ତାର ବେଣୁପୁର ପେଟ୍ରୋଲ ପମ୍ପ ନିକଟରେ ବୁଧବାର ଭୋର ୪ଟାରେ ଏକ ଟ୍ରକ ଧକ୍କାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ହୋଇଛି। ସେ ହେଲେ ମଞ୍ଚେଶ୍ୱର ଥାନା ଅଧୀନ ହଂସପାଳ ଗ୍ରାମର ଗଦାଧର ନାୟକ। ହଂସପାଳ ଛକରୁ ଭୋର ସମୟରେ ଗଦାଧର ଅଟୋରେ ଯାତ୍ରୀ ନେଇ ଭିଙ୍ଗାରପୁର ଯାଇ ଫେରୁଥିବାବେଳେ ପଛରୁ ଏକ ଟ୍ରକ ଧକ୍କା ଦେଇଥିଲା। ଫଳରେ ସେ ଅଟୋରୁ ଛିଟିକି ରାସ୍ତାରେ ପଡିବାରୁ ଟ୍ରକର ପଛ ଚକା ତାଙ୍କ ଉପରେ ଚଢ଼ିଯାଇଥିଲା। ଘଟଣାସ୍ଥଳରେ ଗଦାଧରଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବାଲିଅନ୍ତା ଥାନା ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାରକୁ ହସ୍ତାନ୍ତର କରିଥିଲା। ଏ ନେଇ ପୋଲିସ ନଂ.୧/୨୦୨୦ରେ ମାମଲା ରୁଜୁ କରିଛି। ଘଟଣାସ୍ଥଳରୁ ଟ୍ରକ ସହ ଡ୍ରାଇଭର ଫେରାର ହୋଇଯାଇଛି।

## ମଧୁରମୟୀ ଆଦର୍ଶ ଶିକ୍ଷାନିକେତନରେ ନିଆରା ନୂଆବର୍ଷ

**ଭୁବନେଶ୍ୱର, ୧୧(ବ୍ୟୁରୋ):** ଝାରପଡ଼ା ଜେଲ ପରିସର ମଧୁରମୟୀ ଆଦର୍ଶ ଶିକ୍ଷା ନିକେତନରେ ନିଆରା ଢଙ୍ଗରେ ନୂଆବର୍ଷ ପାଳିଛି। କଏଦୀଙ୍କ ପିଲାଙ୍କୁ ପାଠ ପଢ଼ାଉଥିବା ଏହି ସ୍କୁଲ ପକ୍ଷରୁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଦସ୍ୟ ସଂଗ୍ରାମ କେଶରୀ ମହାନ୍ତି ଓ ତାଙ୍କ ସ୍ତ୍ରୀ ଅଭିଜିତା ମିଶ୍ର ଯୋଗଦେଇ ୧୦୦ରୁ ଊର୍ଦ୍ଧ୍ୱ ପିଲାଙ୍କୁ ପ୍ରଥମେ ଫୁଲତୋଡ଼ା ଦେବା ସହ ମିଠା ଖୁଆଇଥିଲେ। ପରେ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରିଥିଲେ। କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲା ଓବିସି ସେଲ୍ ଅଧ୍ୟକ୍ଷ ଅନିଲ କୁମାର ଭୂୟାଁ, ଆଇନଜୀବୀ ଆଦିତ୍ୟ ପ୍ରସାଦ ପରିଡ଼ା, ଯୁବ କଂଗ୍ରେସ ସମ୍ପାଦକ ଜ୍ଞାନ ରଞ୍ଜନ ରାଉତ, ଖବରଦାତା ଜିତେନ୍ଦ୍ର ସାହୁ, ସାମାଜିକ କର୍ମୀ ଗୁଲୁ ମହାପାତ୍ର, ମନିରୁ ଖାଁ, ତସିଲ୍ ଅହମ୍ମଦ ପ୍ରମୁଖ ସାମିଲ ଥିଲେ।

### ନୂଆବର୍ଷରେ 'ଗୋ ଗ୍ରୀନ୍' ଅଭିଯାନ ଶୁଭାରମ୍ଭ

# ବୃକ୍ଷ, ପୁସ୍ତକ, ସୂତା ବ୍ୟାଗ୍ ଉପହାର ଦେଲା ବିଏମ୍‌ସି

**ଭୁବନେଶ୍ୱର, ୧୧ (ବ୍ୟୁରୋ)**

ସ୍ୱଚ୍ଛତା ଏବଂ ସବୁଜିମାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଧିକ ଗୁରୁତ୍ୱ ଦେଇଛି। ନୂଆବର୍ଷରେ ନୂଆ ଚିନ୍ତାଧାରାକୁ ଆପଣାଇଛି। ବୁଧବାର ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ 'ଗୋ ଗ୍ରୀନ୍' ଅଭିଯାନର ଶୁଭାରମ୍ଭ କରିବା ସହ ଭୁବନେଶ୍ୱରର ନାଗରିକଙ୍କୁ ନୂଆ ବର୍ଷରେ କିଛି ନୂଆ ପଦକ୍ଷେପ ସ୍ୱରୂପ ବୃକ୍ଷ, ପୁସ୍ତକ ଓ ସୂତା ବ୍ୟାଗ ଦେଇ ନବବର୍ଷର ଅଭିନନ୍ଦନ ଜଣାଇଛନ୍ତି। ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ୍ ଲଗାଇ ପ୍ରଦୂଷଣ ମାତ୍ରାକୁ ହ୍ରାସ କରିବା ଲକ୍ଷ୍ୟ ନେଇ ବିଏମ୍‌ସି ଏହି ଅଭିଯାନ ଆରମ୍ଭ କରିଛି ବୋଲି ଚୌଧାରୀ କହିଛନ୍ତି। ସେ କହିଛନ୍ତି, ସହରରେ ବର୍ଜ୍ୟର ପରିମାଣ କମାଇବା ସହ ସବୁଜିମା ବୃଦ୍ଧି କରିବା ସମସ୍ତଙ୍କର ଦାୟିତ୍ୱ ହେବା ଆବଶ୍ୟକ। ଦେଶର ଏକ ଅଗ୍ରଣୀ ସ୍ମାର୍ଟସିଟି ଭାବେ ଭୁବନେଶ୍ୱର ସ୍ୱଚ୍ଛତା ଏବଂ ସାମାଜିକ ଅନ୍ତର୍ଭୁକ୍ତୀକରଣକୁ ବିଏମ୍‌ସି ସଦାସର୍ବଦା ବେଶ୍ ଗୁରୁତ୍ୱ ଦେଇ ଆସିଛି। ଏଥିପାଇଁ ସହରବାସୀଙ୍କ ସହଯୋଗ କାମନା କରିଛନ୍ତି କମିଶନର।



ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ଜଣେ ବ୍ୟକ୍ତିଙ୍କୁ ଚାରା ବଣ୍ଟନ କରୁଛନ୍ତି।

ଏହି ଅବସରରେ ବିଏମ୍‌ସି ମୁଖ୍ୟାଳୟ ସମେତ ସହରର ୫ ସ୍ଥାନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ୨୨ଶହ ସୂତା ବ୍ୟାଗ୍, ହଜାରେ ପୁସ୍ତକ ଓ ୨୬ଶହ ବୃକ୍ଷ ବଣ୍ଟନ କରାଯାଇଥିଲା। ବିଏମ୍‌ସି ମୁଖ୍ୟାଳୟରେ ଉପହାର ନେଉଥିବା ଲୋକେ ପଲିଥିନ ବ୍ୟବହାର ନ କରିବା ପାଇଁ ଶପଥ ନେଇଥିଲେ। ବିଏମ୍‌ସିର ବହୁ ବରିଷ୍ଠ ପଦାଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ। ଏହାବ୍ୟତୀତ ଲୋକଙ୍କୁ ସଚେତନ କରିବା ପାଇଁ ଏହି ଅବସରରେ ଏକ 'ମୁଁ ସଫେଇବାଲା ରଥ'ର ଶୁଭାରମ୍ଭ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ବିଏମ୍‌ସି ପକ୍ଷରୁ ସହରରେ ସ୍ୱଚ୍ଛତା ବଜାୟ ରଖିବା ନିମନ୍ତେ ଦୈନିକ ୮୦କିମି ରାସ୍ତାର ଯାନ୍ତ୍ରିକ ସଫେଇ, ଅନ୍ୟାନ୍ୟ ରାସ୍ତା ଓ ସ୍ଥାନର ସଫେଇ, ଆସୁଥିବା ଅଭିଯୋଗର ସାମଧାନ, ବିଜ୍ଞାନ ସମ୍ମତ କଠିନ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ମାଇକ୍ରୋ କମ୍ପୋଷ୍ଟିଂ କେନ୍ଦ୍ରଗୁଡିକର ନିର୍ମାଣ ଆଦି ପଦକ୍ଷେପ ଗ୍ରହଣ କରାଯାଇଛି। ଆଗକୁ ସ୍ୱଚ୍ଛ ସର୍ବେକ୍ଷଣ ସର୍ଭେ ଥିବାରୁ ସ୍ୱଚ୍ଛତା ପ୍ରତି ବିଏମ୍‌ସି ଅଧିକରୁ ଅଧିକ ଗୁରୁତ୍ୱ ଦେଉଛି।

### ଆମେ ଭାରତବାସୀର ନୂଆବର୍ଷ ସଂକଳ୍ପ

# ସମ୍ବିଧାନ, ନାଗରିକ ଅଧିକାର ସୁରକ୍ଷା ଲାଗି ଆହ୍ୱାନ

**ଭୁବନେଶ୍ୱର, ୧୧(ବ୍ୟୁରୋ)**

ବର୍ତ୍ତମାନ ଭାରତର ସମ୍ବିଧାନ ସୁରକ୍ଷିତ ନୁହେଁ, ଧର୍ମ ନିରପେକ୍ଷତା ଓ ଭାଇଚାରା ଉପରେ ଆଘାତ ଆସିଛି। ନାଗରିକତା ସଂଶୋଧନ ଆଇନ ନାମରେ ଦେଶକୁ ବିଭାଜନ କରାଯାଉଛି। ଜୀବନ ଜୀବିକା ସମସ୍ୟା ସମାଧାନ କରିବା ବଦଳରେ ଆର୍ଥିକ ଦୁର୍ଗତି ଭିତରକୁ ଠେଲି ଦିଆଯାଉଛି। ବୁଧବାର ସିପିଆଇ(ଏମ) କାର୍ଯ୍ୟାଳୟ ସମ୍ମୁଖରେ 'ଆମେ ଭାରତବାସୀ' ପକ୍ଷରୁ ଆୟୋଜିତ ନୂଆବର୍ଷ ସଂକଳ୍ପ କାର୍ଯ୍ୟକ୍ରମରେ ବକ୍ତାମାନେ ଏହି ମତ ଦେଇଛନ୍ତି। ବରିଷ୍ଠ ସିପିଆଇ(ଏମ) ନେତା ଜନାର୍ଦ୍ଦନ ପତିଙ୍କ ଅଧ୍ୟକ୍ଷତାରେ ସଂକଳ୍ପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ ପ୍ରଫେସର ସ୍ୱାଧୀନ ପଟ୍ଟନାୟକ, ଅବସରପ୍ରାପ୍ତ ଆଇଏଏସ ଡ. ବିବେକାନନ୍ଦ ପଟ୍ଟନାୟକ, ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସମ୍ପାଦକ ଡ. ଅଶ୍ୱିନୀ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ସମସ୍ତେ ସମ୍ବିଧାନର ମୁଖବନ୍ଧ ପାଠ କରି ସଂକଳ୍ପ ନେଇଥିଲେ। ସମ୍ବିଧାନର ସୁରକ୍ଷା, ନାଗରିକ ଅଧିକାର ସୁରକ୍ଷା, ଦେଶବାସୀଙ୍କ ମଧ୍ୟରେ ବ୍ୟାପକ ଏକତା ଆଣିବା ଓ ଆର୍ଥିକ ଦୁର୍ଗତିରୁ ଲୋକଙ୍କୁ ମୁକ୍ତ କରିବା ଲାଗି ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ଦୁଷ୍ମନ୍ତ କୁମାର ଦାସ, ସୁରେଶ ପାଣିଗ୍ରାହୀ, ସ୍ୱୟଂପ୍ରଭା ପାଢ଼ୀ, ପ୍ରଣତୀ ସାହୁ ପ୍ରମୁଖ ଯୋଗ ଦେଇଥିଲେ।

### ନାରୀ ସୁରକ୍ଷା ଉପରେ ଫୋକସ

# ଆଜି ଦାୟିତ୍ୱ ନେବେ ୩୦୦ ମହିଳା ଏସ୍‌ପିଓ

**ଭୁବନେଶ୍ୱର,୧୧(ବ୍ୟୁରୋ):**

ଏଣିକି ରାଜଧାନୀରେ ମହିଳାଙ୍କୁ ସୁରକ୍ଷା ଦେବେ ମହିଳା। ଦିନକୁ ଦିନ ବଢୁଥିବା ନାରୀ ନିର୍ଯାତନା, ଅତ୍ୟାଚାର, ବଳାତ୍କାରକୁ ରୋକିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ମହିଳା ସ୍ପେଶାଲ ପୋଲିସ ଅଫିସର(ଏସ୍‌ପିଓ) ଗଠନ କରାଯାଇଛି। ତେବେ ଗୁରୁବାର ଏହି ଏସ୍‌ପିଓମାନେ ଦାୟିତ୍ୱ ନେବେ ବୋଲି ଜଣାପଡିଛି। ଏଥିପାଇଁ ପ୍ରାୟ ୩୦୦ଜଣ ମହିଳା ଓ ଯୁବତୀ କମିଶନରେଟ୍ ବିଲ୍ଡିଂରେ ବିଧିବଦ୍ଧ ଭାବେ ନିଯୁକ୍ତି ପାଇବେ। ଏହି ଏସପିଓମାନେ ନିଜ ନିଜ ଘରୋଇ ପ୍ରତିଷ୍ଠାନ ଓ ଶିକ୍ଷାନୁଷ୍ଠାନରେ ଘଟୁଥିବା ଅସଦାଚରଣ ଓ ନିର୍ଯାତନା ଘଟଣାରେ ରୋକ ଲଗାଇବା ନେଇ କାର୍ଯ୍ୟ କରିବା ସହ ପୋଲିସକୁ ସହାୟତା କରିବେ।

ପୋଲିସ କମିଶନର ଡ. ସୁଧାଂଶୁ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଗୁରୁବାର ପୂର୍ବାହ୍ନ ସାଢ଼େ ୧୧ଟାରେ କମିଶନରେଟ୍ ବିଲ୍ଡିଂରେ ଏ ନେଇ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ଅବସରରେ ଦାୟିତ୍ୱ ଗ୍ରହଣ କରିବାକୁ ଥିବା ଏସ୍‌ପିଓଙ୍କୁ ଟି-ସାର୍ଟ ପ୍ରଦାନ କରାଯିବ। ଏଥିରେ ଏସପିଓମାନଙ୍କୁ ଉତ୍ସାହିତ କରିବା ପାଇଁ ସିନେ ଅଭିନେତା ମଧ୍ୟ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସୂଚନାଯୋଗ୍ୟ, ବିଭିନ୍ନ କଲେଜର ଛାତ୍ରୀ ଓ ବ୍ୟବସାୟିକ ପ୍ରତିଷ୍ଠାନ ମହିଳାଙ୍କ ଉପରେ ବଢୁଥିବା ନିର୍ଯାତନା ଉପରେ ରୋକ ଲଗାଇବା ନଇେ ପୂର୍ବରୁ କମିଶନରେଟ୍ ପୋଲିସ ଏହି ନିଷ୍ପତ୍ତି ନେଇଥିଲା। ଗତ ଡିସେମ୍ବର ୧୬ରେ ଏ ନେଇ ୪୮ଟି ସଂସ୍ଥାକୁ ଚିଠି ଲେଖିଥିଲେ। ଏସ୍‌ପିଓ ପଦବୀ ପାଇଁ କର୍ମଚାରୀଙ୍କୁ ଚିହ୍ନଟ କରି ଏକ ତାଲିକା ଦେବାକୁ ସଂସ୍ଥାଗୁଡ଼ିକୁ କୁହାଯାଇଥିଲା। ବୁଧବାର ଅପରାହ୍ନ ସୁଦ୍ଧା ପ୍ରାୟ ୩୫ଟି ସଂସ୍ଥାର ୨୫୦ରୁ ଊର୍ଦ୍ଧ୍ୱ ମହିଳା କର୍ମଚାରୀ ଓ ଛାତ୍ରୀଙ୍କ ତାଲିକା ପୋଲିସର ହସ୍ତଗତ ହୋଇଥିବା ସୂଚନା ମିଳିଛି।



ମାଷ୍ଟରକ୍ୟାଣ୍ଟିନଠାରେ ପିଲାମାନେ ବୁଧବାର ଶିଶୁ ନିର୍ଯାତନା ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଆକ୍ରମଣ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୧(ବ୍ୟୁରୋ)**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ ପଥରବନ୍ଧ ବସ୍ତି ଅଞ୍ଚଳର କୁଞ୍ଜବିହାରୀ ସାମଲ। ଏ ନେଇ ପୋଲିସ ନଂ.୬୯୬/୧୯ରେ ଏକ ମାମଲା ରୁଜୁ କରିଛି। ସୂଚନା ମୁତାବକ, ଅଭିଯୁକ୍ତ କୁଞ୍ଜଙ୍କର ପଥରବନ୍ଧ ବସ୍ତି ଅଞ୍ଚଳରେ ରହୁଥିବା ତ୍ରିନାଥ ପ୍ରଧାନଙ୍କ ସହ ପାଚେରି ଭଙ୍ଗାକୁ ନେଇ ପୂର୍ବରୁ ଶତ୍ରୁତା ରହିଥିଲା। ଗତ ୨୫ରେ କୁଞ୍ଜ ତାଙ୍କର ୨ଜଣ ସହଯୋଗୀଙ୍କ ସହ ମିଶି ତ୍ରିନାଥଙ୍କ ସହ ସାମାନ୍ୟ କଥାରୁ ଯୁକ୍ତି କରି ତାଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ତ୍ରିନାଥ ଥାନାରେ ଅଭିଯୋଗ କରିବା ପରେ ପୋଲିସ ତଦନ୍ତ କରି କୁଞ୍ଜଙ୍କୁ ଧରିଥିଲା।

## କାର୍ ଦୁର୍ଘଟଣାରୁ ମାରପିଟ, ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୧୧(ବ୍ୟୁରୋ)**

ଏକ କାର୍ ଦୁର୍ଘଟଣାବେଳେ ମାରପିଟ କରିଥିବା ଅଭିଯୁକ୍ତଙ୍କୁ ଶହୀଦନଗର ଥାନା ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ବାଲିଅନ୍ତା ଥାନା ଅନ୍ତର୍ଗତ ସାଟେଲାଇଟ ସିଟି ଅଞ୍ଚଳରେ ରହୁଥିବା ଦୁର୍ଗାମାଧବ ମହଲା(୨୯)। ସୂଚନା ମୁତାବକ, ଗୋପ ଅଞ୍ଚଳର ବିକ୍ରମ ବାରିକ କୌଣସି କାମରେ ଶହୀଦନଗର ଆସିଥିଲେ। ଡିସିପି ଅଫିସ ନିକଟରେ ଅଭିଯୁକ୍ତ ଦୁର୍ଗାମାଧବ ଓ ବିକ୍ରମଙ୍କ କାର୍ ମଧ୍ୟରେ ଦୁର୍ଘଟଣା ହୋଇଥିଲା। ଦୁର୍ଘଟଣାକୁ କେନ୍ଦ୍ରକରି ବଚସା ବଢିବା ପରେ ଦୁର୍ଗାମାଧବ ଉତକ୍ଷିପ୍ତ ହୋଇ ବିକ୍ରମଙ୍କୁ ମାଡ ମାରିଥିଲେ। ଏ ନେଇ ବିକ୍ରମ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧/୨୦ରେ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଧରିଥିଲା।

### ପୋଲିସ ମୁଖ୍ୟାଳୟରେ ବନ୍ଧୁମିଳନ

# ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯିବ: ଡିଜିପି



ଡିଜିପି ଅଭୟଙ୍କୁ ସିପି ସୁଧାଂଶୁ ଷଡ଼ଙ୍ଗୀ ଫୁଲତୋଡ଼ା ଦେଇ ସ୍ୱାଗତ କରୁଛନ୍ତି।

**କଟକ ଅଫିସ, ୧୧**

ନୂତନ ବର୍ଷ ଅବସରରେ କଟକ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ଅଭୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଲିସ ଅଧିକାରୀମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ସମସ୍ତେ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଗତବର୍ଷ ସାଧାରଣ ନିର୍ବାଚନ ସହ ଅନ୍ୟାନ୍ୟ କାର୍ଯ୍ୟକୁ ପୋଲିସ ପକ୍ଷରୁ ସଫଳ ଭାବେ ପରିଚାଳନା କରାଯାଇଥିଲା। ଚଳିତବର୍ଷ ମଧ୍ୟ ପୋଲିସ ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ ଦେଇ ଏ ଦିଗରେ ସଫଳତା ହାସଲ କରିବ। ଏଥିସହିତ ମୋ ସରକାର ଓ ୫-ଟି ଯୋଜନା ପୋଲିସ ବିଭାଗରେ ସଫଳତାର ସହ କାର୍ଯ୍ୟକାରୀ କରାଯିବ ବୋଲି ଅଭୟ କହିଥିଲେ। ଅତିରିକ୍ତ ଡିଜି ବିନୟତୋଷ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନ କର୍ଯ୍ୟକ୍ରମରେ ଗୋଇନ୍ଦା ବିଭାଗ ଡିଜି ସତ୍ୟଜିତ୍ ମହାନ୍ତି, ପୋଲିସ କମିଶନର(ସିପି) ସୁଧାଂଶୁ ଷଡଙ୍ଗୀଙ୍କ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ପୋଲିସ ମୁଖ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# କ୍ରିକେଟ ଖେଳି ନୂଆବର୍ଷ ପାଳିଲେ ଗ୍ରାମବାସୀ

**ନରାଜ, ୧୧(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ନରଣପୁର ଗ୍ରାମବାସୀ ବୁଧବାର ମିଳିମିଶି ନୂଆବର୍ଷ ପାଳନ କରିଛନ୍ତି। ଏହି ଅବସରରେ ମହାବୀର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ନରଣପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନରଣପୁର ଖେଳପଡିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଯୁବକଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ଲୋକେ ଅଂଶଗ୍ରହଣ କରିଥିଲେ। ଖେଳାଳିମାନଙ୍କୁ ୪ ଦଳରେ ବିଭକ୍ତ କରାଯାଇଥିଲା। ଦଳଗୁଡ଼ିକର ନାମ ବାବା ରାମେଶ୍ୱର ଫାଇଟର, ମା'ସୁନାଦେଈ ସୁପରଷ୍ଟାର, ମା'ବାସୁଳୀ ରୟାଲ କିଙ୍ଗ୍ ଓ ମା'ବାଉଁଜୋରୀ ଇଲେଭେନ ଗନ ଦିଆଯାଇଥିଲା। ଗ୍ରାମର ମୁରବୀମାନେ ପଡ଼ିଆରେ କେକ୍ କାଟି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଗୋଟିଏ ଦିନରେ ଲିଗ୍, କ୍ୱାର୍ଟର, ସେମିଫାଇନାଲ ଓ ପରେ ଫାଇନାଲ ମ୍ୟାଚ ହୋଇଥିଲା। ଫାଇନାଲ ମ୍ୟାଚ ସୁନାଦେଈ ସୁପରଷ୍ଟାର ଓ ବାବା ରାମେଶ୍ୱର ଫାଇଟର ମଧ୍ୟରେ ଖେଳାଯାଇଥିଲା। ସୁନାଦେଈ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୨୫ ରନ୍ ସଂଗ୍ରହ କରିଥିଲା। ରାମେଶ୍ୱର ୪ ଓଭରରେ ୪ ଉଇକେଟ୍ ହରାଇ ଏହି ଲକ୍ଷ୍ୟ ହାସଲ କରିନେଇଥିଲା। ବିଜେତା ଦଳଙ୍କୁ ଗ୍ରାମର ମୁରବୀ ପୀତାମ୍ବର ବିଶ୍ୱାଳ, ଭରତ ସ୍ୱାଇଁ, ବୀରେନ ରାଉତ, ଧୀରେନ୍ଦ୍ର ରାଉତ, ପ୍ରଭାକର ରାଉତ, ରାଜେନ୍ଦ୍ର ସ୍ୱାଇଁ ଓ ନିର୍ମଳ ସ୍ୱାଇଁ ପ୍ରମୁଖ ପୁରସ୍କୃତ କରିଥିଲେ। ମହାବୀର ସ୍ପୋର୍ଟିଂ କ୍ଲବର ସଦସ୍ୟ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।

# ଅଙ୍ଗନୱାଡ଼ି କେନ୍ଦ୍ରରେ ଇଂଲିଶ ନବବର୍ଷ

**ଭୁବନେଶ୍ୱର, ୧୧(ବ୍ୟୁରୋ)**

ସାରା ରାଜ୍ୟର ବିଭିନ୍ନ ଜିଲାରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ଶିଶୁ ଯତ୍ନ ଅନୁଷ୍ଠାନଗୁଡ଼ିକରେ ଇଂଲିଶ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକରେ କୋମଳମତି ଶିଶୁମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ପରିବେଷଣ ବେଶ୍ ଆକର୍ଷଣୀୟ ହୋଇଥିଲା। ଅଙ୍ଗନୱାଡ଼ି କେନ୍ଦ୍ର ପରିସରକୁ ମଧ୍ୟ ପାରମ୍ପରିକ ଝୋଟି, ଚିତା, ପୁଷ୍ପାଦିରେ ସାଜସଜ୍ଜା କରାଯାଇଥିଲା। ଅଙ୍ଗନୱାଡ଼ି କର୍ମୀ, ସହାୟିକା, ଅଭିଭାବକ, ଜେଜେ ମା' ଓ ଜେଜେବାପା ସମସ୍ତେ ଉପସ୍ଥିତ ରହି ହର୍ଷ ଉଲ୍ଲାସରେ ନୂତନବର୍ଷକୁ ସ୍ୱାଗତ କରିଥିଲେ। ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନରେ ମଧ୍ୟ ନବବର୍ଷ ପାଳିତ ହୋଇଥିଲା। ଏହି ଅବସରରେ ପିଲାମାନଙ୍କୁ ଶିକ୍ଷଣୀୟ ପୁସ୍ତକ ପ୍ରଦାନ କରାଯାଇଥିଲା। ମାସର ୧ ତାରିଖ ହୋଇଥିବାରୁ ବୁଧବାର ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ମହିଳା, ଶିଶୁ ଏବଂ କିଶୋରୀମାନଙ୍କ ନିମନ୍ତେ ନିର୍ଦ୍ଦିଷ୍ଟ ଦିନ ଛତୁଆ ବଣ୍ଟନ କାର୍ଯ୍ୟକ୍ରମରେ ଟେକ୍ ହୋମ୍ ରାଶନ୍ ବଣ୍ଟନ କରାଯାଇଥିଲା। ଏ ସମସ୍ତ କାର୍ଯ୍ୟକ୍ରମକୁ ଡି.ଏସ୍.ଡବ୍ଲ୍ୟୁ.ଓ, ସିଡିପିଓ ତଥାଲ୍ଲେଇସିଡିଏସ୍ କ୍ଷେତ୍ର କର୍ମଚାରୀମାନେ ଉପସ୍ଥିତ ରହି ତଦାରଖ କରିଥିଲେ।

# 'ଥିଲେ ଦିଅ, ନ ଥିଲେ ନିଅ'




**ଭୁବନେଶ୍ୱର,୧୧(ବ୍ୟୁରୋ)**

ଶୀତ ଆନ୍ଦୋଳନର ପ୍ରବର୍ତ୍ତକ ମାୟାଧର ନାୟକଙ୍କ ଶୀତ ଅଭିଯାନରେ ଅନୁପ୍ରାଣିତ ହୋଇ ଉଡ୍ର ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ବାପୁଜୀନଗରସ୍ଥିତ ପ୍ୟାରିସ୍ ବେକେରି ଆଉଟ୍‌ଲେଟ୍‌ରେ ପୁରୁଣା ବସ୍ତ୍ର ସଂଗ୍ରହ ଅଭିଯାନର ଶୁଭାରମ୍ଭ ହୋଇଛି। 'ଥିଲେ ଦିଅ, ନ ଥିଲେ ନିଅ' ନାରାରେ ଏହାକୁ ଆରମ୍ଭ କରାଯାଇଥିବାବେଳେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଅଭିନେତା ଆକାଶ ଦାସ ନାୟକ, ଅଭିନେତ୍ରୀ ଏଲିନା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଉଡ୍ର ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ସାରା ରାଜ୍ୟରେ ଚାଲିଥିବା ସମସ୍ତ ପ୍ୟାରିସ୍ ବେକେରି ଓ ରେଡ୍ ଏଫ୍‌ଏମ୍ କାର୍ଯ୍ୟାଳୟ ସାମ୍ନାରେ ପୁରୁଣା ବସ୍ତ୍ର ଏବଂ ନୂଆ ବସ୍ତ୍ର ସଂଗ୍ରହ କରିବା ବ୍ୟବସ୍ଥା କରାଯାଇଛି। ନିରାଶ୍ରୟଙ୍କ ପାଇଁ ଲୋକମାନେ ନିଜର ପୁରୁଣା ତଥା ନୂଆ ବସ୍ତ୍ର ଏଠାରେ ଦାନ କରିପାରିବେ। ୩୧ ଜାନୁୟାରୀ ଯାଏ ଏହି ବସ୍ତ୍ର ସଂଗ୍ରହ ଅଭିଯାନ ଚାଲିବ।

### ବର୍ଷ ଆରମ୍ଭରୁ ସବୁଜ ସଂକଳ୍ପ

# ସିଡ୍‌ବଲ୍‌ରେ ନୂଆବର୍ଷ ନିଆରା

**ପୁରୁଣା ଭୁବନେଶ୍ୱର,୧୧ (ଡି.ଏନ.ଏ.)**

ପୁରୁଣା ବର୍ଷ ବିଦାୟ ନେଇଛି। ଆସିଛି ନୂଆବର୍ଷ। ଫୁଲ, ବାଣ, କେକ ଓ ଶୁଭେଚ୍ଛା ଦିଆନିଆ ଭିତରେ ନବବର୍ଷକୁ ସ୍ୱାଗତ କରଯାଉଥିବା ବେଳେ ପୋଖରୀପୁଟ ଇନ୍ଦ୍ରପସ୍ଥ କଲୋନୀ ଫେଜ୍-୨ରେ ନିଆରା ଢଙ୍ଗରେ ନୂଆବର୍ଷ ପାଳନ କରାଯାଉଥିବା ଦେଖିବାକୁ ମିଳିଛି। ଏଠାରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ କୁମାର ସାହୁ ଓ ତାଙ୍କ ସହଯୋଗୀମାନେ ମାଟି, ଗୋବର ଖତ ଓ ବିହନକୁ ଏକାଠି ପିଣ୍ଡୁଳା ଆକାରରେ ସଜାଇ ନୂଆବର୍ଷକୁ ସବୁଜିମା ପାଇଁ ସଂକଳ୍ପ ନେଇଛନ୍ତି। ନୂଆବର୍ଷ କ୍ଷେତ, ଜଙ୍ଗଲ ଓ ପରିବେଶକୁ ସବୁଜିମାମୟ କରାଉ ଓ ବିଶ୍ୱବାସୀଙ୍କ ମୁଣ୍ଡ ଉପରୁ ଜଳବାୟୁର ଜ୍ୱାଳା ହ୍ରାସ ପାଉ ଏହି ବାର୍ତ୍ତା ଦେବାକୁ ଏଭଳି ଭବ୍ୟ ଆୟୋଜନ କରାଯାଇଛି।




ସୂଚନାଯୋଗ୍ୟ ଯେ, ସୁଶାନ୍ତ ସାହୁଙ୍କ ନେତୃତ୍ୱରେ ବିଗତ ଜୁନ୍ ମାସ ଠାରୁ ବିହନ ପିଣ୍ଡୁଳା ବା ସିଡ୍‌ବଲ୍ ତିଆରି କରାଯାଇ ସହର ଉପକଣ୍ଠ ଚନ୍ଦକା ଅଭୟାରଣ୍ୟର ଖାଲିସ୍ଥାନ ଗୁଡ଼ିକରେ ନିକ୍ଷେପ କରାଯାଇଛି। ନିକ୍ଷେପିତ ବିହନ ପିଣ୍ଡୁଳା ଗୁଡ଼ିକରୁ ଚାରା ସୃଷ୍ଟି ହେବା ସହ ସେଗୁଡ଼ିକ ବଢୁଥିବା ଆଖାପାଖ ଗ୍ରାମବାସୀଙ୍କ ସୂଚନାରୁ ଜଣାପଡ଼ିଛି। ବିହନ ପିଣ୍ଡୁଳା ଜରିଆରେ ଶସ୍ତା, ସହଜ ଓ ସମ୍ଭବ ହେଉଥିବାରୁ ନୂଆବର୍ଷରୁ ଏହା ବ୍ୟାପକ କରାଯିବା ପାଇଁ ସୁଶାନ୍ତ ଓ ସହଯୋଗୀମାନେ ସଂକଳ୍ପ ନେଇଛନ୍ତି।

## ପାଣିକୁ ଖସିଲା କାର, ଯୁବକ ମୃତ

**ପୁରୁଣା ଭୁବନେଶ୍ୱର, ୧।୧ (ଡି.ଏନ.ଏ.)**

ନୂଆବର୍ଷରେ ପୁରୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯାଇ ମଙ୍ଗଳବାର ରାତି ୨ଟାରେ ଏକ ମାରୁତି ସିଆଜ କାର (ନଂ. ଓଡି୩୪ ଡି୦୦୧୬) ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। କାରଟି ଦ୍ରୁତଗତିରେ ପୁରୀ-ଭୁବନେଶ୍ୱର ଜାତୀୟ ରାଜପଥ ନଂ. ୩୧୬ର ମଧୁର ମତ୍ସ୍ୟ ଗବେଷଣା କେନ୍ଦ୍ରଠାରେ ଡିଭାଇଡରରେ ପିଟି ହୋଇ ରାଜପଥ ପାର୍ଶ୍ୱ ଏକ ପାଣି ଚୁବରେ ପଡି ଯାଇଥିଲା। ଉତ୍ତରା ଫାଣ୍ଡି ପୋଲିସ ସେମାନଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସପିଟାକୁ ପଠାଇଥିଲା। ହସ୍ପିଟାଲରେ କାର ଚଳାଉଥିବା ଦେବବ୍ରତ ଦାସ(୩୦)ଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲା। କାର ବସିଥିବା ଚିତ୍ତରଞ୍ଜନ ରାଉତ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏମାନଙ୍କ ଘର ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳ ହାତୀବାରି ଗାଁରେ। ଏ ନେଇ ପିପିଲି ଥାନାରେ ନଂ. ୧/୨୦ରେ ଏକ ମାମଲା ରୁଜୁ ହୋଇଛି।



ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
- ଶ୍ରୀ ଅଭିରାମ ପରମହଂସ



## ସଂକ୍ଷେପରେ

### ଦୁର୍ଘଟଣା ଘଟାଇଥିବା ବାଇକ୍ ଚାଳକ ଗିରଫ

**ଖୁଣ୍ଟୁଣୀ:୧୧(ଡି.ଏନ୍.ଏ.):** ଭୋଗରା ଗ୍ରାମଦେବତୀଙ୍କ ସମ୍ମୁଖରେ ମଙ୍ଗଳବାର ଏକ ବାଇକ୍ ଧକ୍କାରେ ଜଣେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାରେ ଖୁଣ୍ଟୁଣୀ ପୋଲିସ ବୁଧବାର ବାଇକ୍ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅନ୍ତର୍ଗତ କୁସପଙ୍ଗି ଗ୍ରାମର ଅକ୍ଷୟ ଖଟୁଆ। ସୂଚନାଥାଉ କି, ଅକ୍ଷୟ ବାଇକ୍‌ରେ ସ୍ତ୍ରୀଙ୍କ ସହିତ ଆଠଗଡ଼ ଯାଉଥିବା ବେଳେ ସାଇକେଲ ଆରୋହୀ ଅପର୍ତ୍ତି ନାୟକଙ୍କୁ ପଛପଟୁ ଧକ୍କା ଦେଇଥିଲେ। ଫଳରେ ଅପର୍ତ୍ତିଙ୍କ ମୃତ୍ୟୁ ହୋଇଥିଲା। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧/୨୦)ରୁଜୁକରି ତଦନ୍ତ ଚଳାଇଥିଲା।

### ଶିଶୁ ସଦନରେ ନୂଆବର୍ଷ ପାଳିତ

**ଚୌଦ୍ୱାର,୧୧(ଡି.ଏନ୍.ଏ.):** ସ୍ଥାନୀୟ ଶିଶୁ ସଦନରେ ନବବର୍ଷ ଉତ୍ସବ ପାଳିତ ହୋଇଯାଇଛି। ସକାଳୁ ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବା ସହିତ ସର୍ବଧର୍ମ ପ୍ରାର୍ଥନା ଓ ସାଇ ଭଜନ ପରିବେଷଣ କରିଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଖାର କର୍ମକର୍ତ୍ତା ଶିଶୁ ସଦନରେ ପହଞ୍ଚି ପିଲାମାନଙ୍କ ସହିତ ଭାବର ଆଦାନ ପ୍ରଦାନ କରିଥିଲେ। ସଖାର କାର୍ଯ୍ୟକାରୀ ସଭାପତି ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ଉପଦେଷ୍ଟା ଡ. ସତ୍ୟ ରାୟ ଉଦ୍‌ବୋଧନ ଦେଇଥିଲେ। ଶିଶୁ ସଦନର ମୁଖ୍ୟ ଦାମୋଦର ସାହୁ ସଖାର କର୍ମକର୍ତ୍ତାଙ୍କୁ ସ୍ୱାଗତ କରି ଶିଶୁ ବିକାଶ କାର୍ଯ୍ୟକ୍ରମରେ ସେମାନଙ୍କ ସହଯୋଗ କାମନା କରିଥିଲେ। ସଖା ପକ୍ଷରୁ ପିଲାମାନଙ୍କୁ ଜୋତା, ଶୀତବସ୍ତ୍ର, ପାଠ୍ୟ ଉପକରଣ ବଣ୍ଟନ କରାଯାଇଥିଲା। ଶିଶୁସଦନ ପରିଚାଳକ ସୀମାନ୍ତ ନାୟକଙ୍କ ସମେତ ଅନୁଷ୍ଠାନର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସୁନା ଦୋକାନରୁ ଚୋରି

**ଚୌଦ୍ୱାର,୧୧(ଡି.ଏନ୍.ଏ.):** ଚୌଦ୍ୱାର ଗାନ୍ଧୀ ଛକସ୍ଥିତ ଶ୍ରୀଲକ୍ଷ୍ମୀ ଅଳଙ୍କାର ଦୋକାନରୁ ଚୋରି ହୋଇଥିବା ବୁଧବାର ଅଭିଯୋଗ ହୋଇଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୨/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମାଲିକ ରବୀନ୍ଦ୍ର ମହାରଣା ମଙ୍ଗଳବାର ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ଦୋକାନ ପଛ କାନ୍ଥ ଡାଡି କେହି ଦୁର୍ବୃତ୍ତ ଅଳଙ୍କାର ଚୋରି କରିନେଇଥିବା ବୁଧବାର ସକାଳେ ରବୀନ୍ଦ୍ର ଦେଖିବାକୁ ପାଇଥିଲେ। ୩ ଜଣ ଦୁର୍ବୃତ୍ତ ଚୋରି କରୁଥିବା ସିସିଟିଭିରେ କଏଦ ହୋଇଛି। ଚୋରି ହୋଇଥିବା ଅଳଙ୍କାର ମୂଲ୍ୟ ୨ଲକ୍ଷ ଟଙ୍କା ହେବ ବୋଲି ରବୀନ୍ଦ୍ର କହିଛନ୍ତି। ଏହି ଦୋକାନରୁ ୨୦୧୭ ମସିହାରେ ମଧ ଚୋରି ହୋଇଥିଲା।

### ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ

**କଟକ ସଦର,୧୧(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ କନ୍ଦରପୁରସ୍ଥିତ ସରସ୍ୱତୀ କଳା ପରିଷଦ ଆନୁକୂଲ୍ୟରେ ଗ୍ରାମାଞ୍ଚଳ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଓ ଜଗତ୍‌ସିଂହପୁର ଜିଲାର ୧୨୦ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ନୃତ୍ୟ, ଏକକ ଅଭିନୟ, ସଙ୍ଗୀତ, ଦଳୀୟ ନୃତ୍ୟ, ଚିତ୍ରାଙ୍କନ ଆଦି କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ପରିଷଦ ସଭାନେତ୍ରୀ ପ୍ରତିଭା ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ଚକ୍ରବର୍ତ୍ତୀ ଓତା ସ୍ୱାଗତ ଭାଷଣ, ପ୍ରଫୁଲ୍ଲ ଦାସ ମାନପତ୍ର ପାଠ କରିଥିଲେ। ପ୍ରଭାତ ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନାଟ୍ୟକାର ଅଶୋକ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଇଂ. ସେବକ ଶ୍ରୀକାନ୍ତ ଧନ୍ୟବାଦ ଦେଇଥିଲେ।

## ନୂଆବର୍ଷର ପ୍ରଥମ ଦିନ

# ମନ୍ଦିର, ପାର୍କରେ ଭିଡ଼

*କଟକ ଅଫିସ, ୧୧ – ନୂଆବର୍ଷ ଅବସରରେ ଚଳଚଞ୍ଚଳ ହୋଇଥିଲା କଟକ। ପରିବାରର ମଙ୍ଗଳ କାମନା କରିବା ସହ ଠାକୁରଙ୍କୁ ପୂଜାର୍ଚ୍ଚନା କରିବା ପାଇଁ ବିଭିନ୍ନ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ସେହିପରି ବିଭିନ୍ନ ସ୍ଥାନରେ ଲୋକମାନେ ଭୋଜି କରି ନୂଆବର୍ଷ ପାଳନ କରିଥିଲେ। ବିଶେଷ କରି ଯୁବପିଢ଼ି ସୋସିଆଲ ମିଡ଼ିଆରେ ବନ୍ଧୁମାନଙ୍କୁ ନୂଆବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ଦିନକୁ ସ୍ମରଣୀୟ କରି ରଖିବା ପାଇଁ ବିଭିନ୍ନ ବର୍ଗର ଲୋକେ ଭିନ୍ନ ଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରୁଥିବା ଦେଖିବାକୁ ମିଳିଥିଲା।*



ନୂଆବର୍ଷ ଅବସରରେ କଟକ ଚଣ୍ଡୀମନ୍ଦିରରେ ପୂଜାର୍ଚ୍ଚନା ପାଇଁ ଶ୍ରଦ୍ଧାଳୁଙ୍କ ଗହଳି।



### ବାଳାଶ୍ରମ, ପାର୍କରେ ଭୋଜି

ନୂଆବର୍ଷ ଅବସରରେ ସହରର ଅନେକ ବୃଦ୍ଧାଶ୍ରମ ଓ ଅନାଥାଶ୍ରମରେ ବିଭିନ୍ନ କ୍ଲବ ପକ୍ଷରୁ ଭୋଜି ଆୟୋଜନ କରାଯାଇଥିଲା। ନୂଆପଡ଼ାସ୍ଥିତ ଉତ୍କଳ ବାଳାଶ୍ରମରେ ଜିଲାପାଳ ଭବାନୀ ଶଙ୍କର ଚୟନୀ ନୂଆବର୍ଷ ପାଳନ କରିଥିଲେ। ଏଥିସହ ସିଡିଏ ଅଞ୍ଚଳରେ ଥିବା ପାର୍କରେ ଲୋକମାନେ ଭୋଜି କରି ନବବର୍ଷ ପାଳନ କରିଥିଲେ।

### ଚଣ୍ଡୀମନ୍ଦିର ଲୋକାରଣ୍ୟ:

ନୂଆବର୍ଷ ପାଇଁ କଟକର ଚଣ୍ଡୀମନ୍ଦିର ଲୋକାରଣ୍ୟ ହୋଇଯାଇଥିଲା। ଦିନ ତମାମ ଶ୍ରଦ୍ଧାଳୁମାନେ ମା'ଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ସେହିପରି ଖାନ୍‌ନଗର କାଳୀ ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିର, ଝାଞ୍ଜିରୀ ମଙ୍ଗଳା ମନ୍ଦିର, କଲେଜଛକ ତାରିଣୀ ମନ୍ଦିର, ଗଡ଼ଚଣ୍ଡୀ ମନ୍ଦିର, ସାଇ ମନ୍ଦିର ଓ ଚର୍ଚ୍ଚଗୁଡ଼ିକରେ ମଧ ଭିଡ଼ ହୋଇଥିଲା।

### ଆମିଷ ବଜାରରେ ଭିଡ଼:

ବୁଧବାର ଥିବାରୁ ଆମିଷ ଖାଇ ଲୋକମାନେ ନୂଆବର୍ଷର ମଜା ଉଠାଇଥିଲେ। ଏଥିପାଇଁ ସେମିନାରୀ ଛକ, ଲିଙ୍କ୍‌ରୋଡ ମାଛମାର୍କେଟ, ଖପୁରିଆ ନିକଟରେ ଥିବା ଆମିଷ ଦୋକାନରେ ଲୋକଙ୍କ ଭିଡ ଦେଖିବାକୁ ମିଳିଥିଲା।

### ଅପରାହ୍ନରେ ପାର୍କ, ସନ୍ଧ୍ୟାରେ ମଲ୍ :

ଅପରାହ୍ନରେ ସହରର ସମସ୍ତ ପାର୍କରେ ଭିଡ଼ ଜମିଥିଲା। ଖାନ୍‌ନଗର ପାର୍କରେ ପରିବାର ସହ ସମୟ କାଟିଥିଲେ। ସେହିପରି ସନ୍ଧ୍ୟାରେ ବଡ଼ ମଲ୍‌ଗୁଡ଼ିକରେ ଭିଡ଼ ହୋଇଥିଲା। ବିଶେଷକରି ଅଧିକମାତ୍ରାରେ ଯୁବପିଢିଙ୍କ ଭିଡ ଦେଖିବାକୁ ମିଳିଥିଲା।

### ମହାନଦୀ କୂଳରେ ଯୁବପିଢ଼ିଙ୍କ ସେଲ୍‌ଫି:

କଟକ ଯୋବ୍ରାସ୍ଥିତ ନୌବାଣିଜ୍ୟ ସଂଗ୍ରହାଳୟ ସମ୍ମୁଖ ମହାନଦୀ କୂଳରେ ଦିନ ତମାମ ଭିଡ଼ ଲାଗି ରହିଥିଲା। ବିଶେଷକରି ଯୁବପିଢି ଏଠାରେ ସେଲ୍‌ଫି ଉଠାଇବା ସହ ସୋସିଆଲ ମିଡ଼ିଆରେ ଅପଲୋଡ କରିଥିବା ଦେଖିବାକୁ ମିଳିଥିଲା।



ନୂଆବର୍ଷରେ ମା' କଟକ ଚଣ୍ଡୀଙ୍କ ସ୍ୱତନ୍ତ୍ର ବେଶ।

## ଦେଶବାସୀ ଗାନ୍ଧିବାଦକୁ ଆପଣେଇବା ଦରକାର

**କଟକ ଅଫିସ, ୧୧**

କଟକ ନୂଆପଡାସ୍ଥିତ ବାଳାଶ୍ରମରେ ସ୍ୱେଚ୍ଛାସେବୀ ସଙ୍ଗଠନ ଭଏସ୍ ଫର୍ ଭଏସ୍ ଲେସ୍ ପକ୍ଷରୁ ସଚେତନତା ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଦୀପକ କୁମାର ଦାଶ ସଭାପତିତ୍ୱ କରିଥିଲେ। ଏଥିରେ ପ୍ରଫେସର ନରୋତ୍ତମ ଗାଣ ଯୋଗଦେଇ କହିଥିଲେ, ଦେଶବାସୀ ଗାନ୍ଧୀବାଦକୁ ଆପଣାଇବା ଦରକାର, ଯାହାଦ୍ୱାରା ଦେଶରେ ଅହିଂସା ଓ ଶାନ୍ତି ବଜାୟ ରହିବ। ଗାନ୍ଧିଜୀଙ୍କର ଆଦର୍ଶରେ ସମସ୍ତେ ଅନୁପ୍ରାଣିତ ହେବା ପାଇଁ ସେ ଆହ୍ୱାନ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ. ସୁଧାଂଶୁବାଳା ଦାସ ଓ ଡ. ଦ୍ୱିପାୟନ ପଟ୍ଟନାୟକ ଯୋଗଦେଇ ଗାନ୍ଧୀବାଦ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ଦୀପ୍ତିରଞ୍ଜନ ପଣ୍ଡା ଓ ଭରତ କୁମାର ବିଶ୍ୱାଳ ପ୍ରମୁଖ ଯୋଗଦେଇଥିବାବେଳେ ଡ.ବିଦ୍ୟାଭୂଷଣ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଗାଳ୍ପିକ ତରୁଣ ସାହୁଙ୍କ ଗଳ୍ପ ସଙ୍କଳନ ଲୋକାର୍ପିତ

**କଟକ ଅଫିସ, ୧୧**

କଟକ ରାଜାବଗିଚାଠାରେ ଗାଳ୍ପିକ ତଥା ଉତ୍କଳ ସାହିତ୍ୟ ସମାଜର ସଭାପତି ତରୁଣ କୁମାର ସାହୁଙ୍କ ଗଳ୍ପ ସଙ୍କଳନ 'ମା' ଜେଜେ ଓ ଅନ୍ୟାନ୍ୟ'ର ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। କବି ଜୟନ୍ତ ମହାପାତ୍ର ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ କେନ୍ଦ୍ର ସାହିତ୍ୟ ଏକାଡେମୀ ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ବିଜୟାନନ୍ଦ ସିଂ ଯୋଗଦେଇ କହିଥିଲେ, ତରୁଣ କୁମାର ସାହୁଙ୍କ ଗଳ୍ପରେ କାହାଣୀର ସାବଲୀଳତା ଓ ଚରିତ୍ର ଚିତ୍ରଣର ବାସ୍ତବିକତା ପାଠକମାନଙ୍କୁ ସବୁବେଳେ ଆମୋଦିତ କରିଆସିଛି। ମୁଖ୍ୟବକ୍ତା ଲେଖିକା ସୁଲୋଚନା ଦାସ କହିଥିଲେ, ସବୁ ରଚନା ପଛରେ ସ୍ରଷ୍ଟାର ସମ୍ବେଦନଶୀଳତା ଓ କରୁଣାଭାବ ଚିତ୍ରିତ ହୋଇଥାଏ। ଦିଲୀପ ବେଉରାଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉତ୍କଳ ସାହିତ୍ୟ ସମାଜର ସମ୍ପାଦକ ମୀନାକ୍ଷୀ ଦେବୀ, ଗାଳ୍ପିକା ସୁସ୍ମିତା ରଥ, ମନୋଜ ପଟ୍ଟନାୟକ, କବି ପ୍ରସନ୍ନ ସ୍ୱାଇଁ, ବ୍ରହ୍ମାନନ୍ଦ ବିଶ୍ୱାଳ, ରବିନାରାୟଣ ଦାଶ ଉପସ୍ଥିତ ଥିଲେ। ଅଧ୍ୟାପକ କମଳ ମାହୁନ୍ତ ଧନ୍ୟବାଦ ଦେଇଥିଲେ।

## ଯୁବଶକ୍ତି ସମାଜରେ ପରିବର୍ତ୍ତନ ଆଣିପାରିବେ

**କଟକ ଅଫିସ,୧୧**

ରାମକୃଷ୍ଣ ପରମହଂସ ଦେବଙ୍କ ୧୧୬ତମ କଳ୍ପତରୁ ଉତ୍ସବ ବୁଧବାର ସନ୍ଧ୍ୟାରେ ବଙ୍ଗାଳୀ ସାହିସ୍ଥିତ ରାମକୃଷ୍ଣ କୁଟୀରଠାରେ ଅନୁଷ୍ଠିତ ହୋଇଯାଇଛି। କୁଟୀରର ସଭାପତି ପଦ୍ମନାଭ ସାମଲଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବକୁ ସ୍ୱାମୀ ଓଁକାରାନନ୍ଦ ସରସ୍ୱତୀ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ଡ. ହରେକୃଷ୍ଣ ଶତପଥୀ ଯୋଗଦେଇ କହିଥିଲେ, ଯୁବଶକ୍ତିଙ୍କ ପାଖରେ ଅନ୍ତର୍ନିହିତ ଶକ୍ତି ରହିଛି। ଯୁବଶକ୍ତି ସମାଜରେ ପରିବର୍ତ୍ତନ ଆଣିପାରିବେ। ଏଥିରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ମହେଶ ପ୍ରସାଦ ଦଳବେହେରା ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷାବିତ୍ ରାଜକିଶୋର ଦାଶଙ୍କୁ ବିଷ୍ଣୁଚରଣ ଜେନା ଶିକ୍ଷକ ଗୌରବ ସମ୍ମାନ ପ୍ରଦାନ କରାଯାଇଥିଲା। ଏଥିସହ କୁଟୀର ପକ୍ଷରୁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସୁବାସ ଚନ୍ଦ୍ର ସାହୁ ଧନ୍ୟବାଦ ଦେଇଥିଲେ।

## ପାଣି ନେବାକୁ କେନ୍ଦ୍ରକରି ମାରପିଟ୍

**ଚୌଦ୍ୱାର,୧୧(ଡି.ଏନ୍.ଏ.)**

ଚାରବାଟିଆ ବିରାଟ ବଜାରରେ ଥିବା ଏକ ନଳକୂଅରୁ ପାଣି ନେବାକୁ କେନ୍ଦ୍ରକରି ୩ ଜଣଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏଥିରେ ଆଗ୍ରାହାଟ ଗ୍ରାମର ପ୍ରଦୀପ ବେହେରା ଆହତ ହୋଇଛନ୍ତି। ଏ ନେଇ ପ୍ରଦୀପଙ୍କ ଅଭିଯୋଗକୁ ଭିତ୍ତିକରି ଚୌଦ୍ୱାର ପୋଲିସ ତଦନ୍ତ ଚଳାଇଛି। ବଜାରରେ ଥିବା ନଳକୂଅରୁ ସେ ପାଣି ନେଉଥିବା ବେଳେ ପ୍ରଦୀପ ବାରିକ ଓ ସୁରେଶ ସେଠାରେ ପହଞ୍ଚି ଆଗ ପାଣି ନେବାକୁ ଚାହିଁଥିଲେ। ଏହାକୁ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ପ୍ରଦୀପ ଓ ସୁରେଶ ଏକ ଠେଙ୍ଗାରେ ତାଙ୍କୁ ଆକ୍ରମଣ କରିଥିଲେ। ଖବରପାଇ ପୋଲିସ ପହଞ୍ଚି ତାଙ୍କୁ ଟାଙ୍ଗୀ ହସ୍ପିଟାଲକୁ ପଠାଇଥିଲା।

## ଶିକ୍ଷାବିତ୍‌ଙ୍କ ପରଲୋକ

**କଣ୍ଟାପଡ଼ା,୧୧(ଡି.ଏନ୍.ଏ.)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ସାଇଲୋ ବଲବିଲି ଲାଲବାହାଦୁର ନଗରସ୍ଥିତ ଗୋପବନ୍ଧୁ ବିଦ୍ୟାମନ୍ଦିରର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଶିକ୍ଷାବିତ୍ ଲକ୍ଷ୍ମଣ ସାମନ୍ତରାୟ(୭୬)ଙ୍କ ବୁଧବାର ତୁଣ୍ଡାଗ୍ରାମସ୍ଥିତ ବାସଭବନରେ ପରଲୋକ ହୋଇଛି। ସେ ଆଦର୍ଶ ଶିକ୍ଷକ ଭାବେ ସେ ସ୍ଥାନୀୟ ଅଞ୍ଚଳରେ ପରିଚିତ ଥିଲେ। ପୁରାତନ ଛାତ୍ରୀଛାତ୍ରମାନେ ତାଙ୍କ ଶେଷଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା।

## 'ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ ଦିଆଯିବ'

### ପୋଲିସ ମୁଖ୍ୟାଳୟରେ ବନ୍ଧୁ ମିଳନ କାର୍ଯ୍ୟକ୍ରମ

**କଟକ ଅଫିସ, ୧୧**

ନୂତନ ବର୍ଷ ଅବସରରେ କଟକ ସ୍ଥିତ ରାଜ୍ୟ ପୋଲିସ ମୁଖ୍ୟାଳୟରେ ବନ୍ଧୁମିଳନ କାର୍ଯ୍ୟକ୍ରମ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡିଜିପି ଅଭୟ ମୁଖ୍ୟଅତିଥି ଭାବେ ଯୋଗଦେଇ ପୋଲିସ ଅଧିକାରୀମାନଙ୍କୁ ନବବର୍ଷର ଶୁଭେଚ୍ଛା ଜଣାଇବା ସହ ସମସ୍ତେ ନିଜ କର୍ତ୍ତବ୍ୟ ପ୍ରତି ସଚେତନ ରହିବାକୁ ପରାମର୍ଶ ଦେଇଥିଲେ। ଗତବର୍ଷ ସାଧାରଣ ନିର୍ବାଚନ ସହ ଅନ୍ୟାନ୍ୟ କାର୍ଯ୍ୟକୁ ପୋଲିସ ପକ୍ଷରୁ ସଫଳ ଭାବେ ପରିଚାଳନା କରାଯାଇଥିଲା। ଚଳିତବର୍ଷ ମଧ ପୋଲିସ ଅପରାଧ ନିୟନ୍ତ୍ରଣକୁ ଗୁରୁତ୍ୱ ଦେଇ ଏ ଦିଗରେ ସଫଳତା ହାସଲ କରିବ। ଏଥିସହିତ ମୋ ସରକାର ଓ ୫-ଟି ଯୋଜନା ପୋଲିସ ବିଭାଗରେ ସଫଳତାର ସହ କାର୍ଯ୍ୟକାରୀ କରାଯିବ ବୋଲି ଅଭୟ କହିଥିଲେ। ଅତିରିକ୍ତ ଡିଜି ବିନୟତୋଷ ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ବନ୍ଧୁମିଳନ କାର୍ଯ୍ୟକ୍ରମରେ ଗୋଇନ୍ଦା ବିଭାଗ ଡିଜି ସତ୍ୟଜିତ୍ ମହାନ୍ତି, ପୋଲିସ କମିଶନର ସୁଧାଂଶୁ ଷଡଙ୍ଗୀଙ୍କ ସହ ବହୁ ବରିଷ୍ଠ ପୋଲିସ ଅଧିକାରୀ ଓ ପୋଲିସ ମୁଖ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।



ବନ୍ଧୁମିଳନ କାର୍ଯ୍ୟକ୍ରମରେ ଡିଜିପି ଅଭୟଙ୍କୁ ସିପି ସୁଧାଂଶୁ ଷଡଙ୍ଗୀ ଫୁଲତୋଡା ଦେଇ ସ୍ୱାଗତ କରୁଛନ୍ତି।

## ବାର୍ଷିକ ଅଖଣ୍ଡ ଭଜନ ମହୋତ୍ସବ



ମହୋତ୍ସବରେ ଅତିଥିମାନେ ଆଧ୍ୟାତ୍ମିକ ପତ୍ରିକା 'ଚନ୍ଦ୍ରିକା'କୁ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୧୧**

କଟକ ଦୋଳମୁଣ୍ଡାଇଠାରେ ଶ୍ରୀ ଶ୍ରୀ ପତିତପାବନଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ ବୁଧବାର ସନ୍ଧ୍ୟାରେ ୨୪ତମ ବାର୍ଷିକ ଅଖଣ୍ଡ ଭଜନ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ରବୀନ୍ଦ୍ର ନାଥ ପ୍ରହରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହରିପୁର ସାହିଅଧିକାରୀ ହରେକୃଷ୍ଣ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ କର୍ପୋରେଟର ରଞ୍ଜନ କୁମାର ବିଶ୍ୱାଳ, ଡ. ମନୋରଞ୍ଜନ ମହାପାତ୍ର ଯୋଗଦେଇଥିଲେ। ଏହି ଅବସରରେ ଆଧ୍ୟାତ୍ମିକ ପତ୍ରିକା 'ଚନ୍ଦ୍ରିକା' ଉନ୍ମୋଚିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବହୁ କଣ୍ଠଶିଳ୍ପୀ ସଙ୍ଗୀତ ପରିବେଷଣ କରିଥିବାବେଳେ ବହୁ ପ୍ରତିଭାଙ୍କୁ ସମ୍ମାନିତ କରାଯାଇଥିଲା। ସରୋଜ ଦାସ ଧନ୍ୟବାଦ ଦେଇଥିଲେ।

## ■ କ୍ରିକେଟ ଖେଳି ନୂଆବର୍ଷ ପାଳିଲେ ଗ୍ରାମବାସୀ

# ରାମେଶ୍ୱର ଫାଇଟର ବିଜୟୀ

**ନରାଜ,୧୧(ଡି.ଏନ୍.ଏ.)**

ବାରଙ୍ଗ ବ୍ଲକ ଅନ୍ତର୍ଗତ ନରଣପୁର ଗ୍ରାମବାସୀ ବୁଧବାର ମିଳିମିଶି ନୂଆବର୍ଷ ପାଳନ କରିଛନ୍ତି। ଏହି ଅବସରରେ ମହାବୀର ସ୍ପୋର୍ଟିଙ୍ଗ୍ କ୍ଲବ ଆନୁକୂଲ୍ୟରେ ଏକ ଦିବସୀୟ ନରଣପୁର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନରଣପୁର ଖେଳପଡିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଯୁବକଙ୍କଠାରୁ ବୟସ୍କ ପର୍ଯ୍ୟନ୍ତ ଲୋକେ ଅଂଶଗ୍ରହଣ କରିଥିଲେ। ଖେଳାଳିମାନଙ୍କୁ ୪ ଦଳରେ ବିଭକ୍ତ କରାଯାଇଥିଲା। ଦଳଗୁଡ଼ିକର ନାମ ବାବା ରାମେଶ୍ୱର ଫାଇଟର, ମା'ସୁନାଦେଈ ସୁପରଷ୍ଟାର, ମା'ବାସୁଳୀ ରୟାଲ କିଙ୍ଗ୍ ଓ ମା'ବାଉଁଜୋରୀ ଇଲେଭେନ ଗନ ଦିଆଯାଇଥିଲା। ଗ୍ରାମର ମୁରବୀମାନେ ପଡ଼ିଆରେ କେକ୍ କାଟି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଗୋଟିଏ ଦିନରେ ଲିଗ୍, କ୍ୱାର୍ଟର, ସେମିଫାଇନାଲ ଓ ପରେ ଫାଇନାଲ ମ୍ୟାଚ ହୋଇଥିଲା। ଫାଇନାଲ ମ୍ୟାଚ ସୁନାଦେଈ ସୁପରଷ୍ଟାର ଓ ବାବା ରାମେଶ୍ୱର ଫାଇଟର ମଧ୍ୟରେ ଖେଳାଯାଇଥିଲା। ସୁନାଦେଈ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୨୫ ରନ୍ ସଂଗ୍ରହ କରିଥିଲା। ରାମେଶ୍ୱର ୪ ଓଭରରେ ୪ ଉଇକେଟ୍ ହରାଇ ଏହି ଲକ୍ଷ୍ୟ ହାସଲ କରିନେଇଥିଲା। ବିଜେତା ଦଳଙ୍କୁ ଗ୍ରାମର ମୁରବୀ ପୀତାମ୍ବର ବିଶ୍ୱାଳ, ଭରତ ସ୍ୱାଇଁ, ବୀରେନ ରାଉତ, ଧୀରେନ୍ଦ୍ର ରାଉତ, ପ୍ରଭାକର ରାଉତ, ରାଜେନ୍ଦ୍ର ସ୍ୱାଇଁ ଓ ନିର୍ମଳ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପୁରସ୍କୃତ କରିଥିଲେ। ମହାବୀର ସ୍ପୋର୍ଟିଙ୍ଗ୍ କ୍ଲବର ସଦସ୍ୟ ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ।



ଟ୍ରଫି ସହ ବିଜୟୀ ଦଳର ଖେଳାଳି।

## କଳାକାର ବିଜୟ ମହାରଣାଙ୍କୁ ରାଜ୍ୟସ୍ତରୀୟ ସମ୍ବର୍ଦ୍ଧନା

**ନରସିଂହପୁର,୧୧(ସ୍ୱ.ପ୍ର.)**

ନରସିଂହପୁର ବ୍ଲକ ଅନ୍ତର୍ଗତ ବାଲିଝରୀ ଗ୍ରାମର କଳାକାର ବିଜୟ କୁମାର ମହାରଣାଙ୍କୁ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ପକ୍ଷରୁ ଭୁବନେଶ୍ୱରରେ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ ତାଙ୍କୁ ପ୍ରଶଂସା ପତ୍ର, ଉପଢୌକନ ଓ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ବିଜୟ ନିଜ ଅଞ୍ଚଳର ଦଣ୍ଡପାଲା, ଦାଶ୍‌କାଠିଆ, ସଂକୀର୍ତ୍ତନ ଓ ଗ୍ରାମ ଯୁବକ ସଂଘ ଦ୍ୱାରା ମଞ୍ଚସ୍ଥ ବିଭିନ୍ନ ନାଟକରେ ଜଣେ କଳାକାର ଭାବରେ ଅଭିନୟ କରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ତାଙ୍କୁ ସମ୍ବର୍ଦ୍ଧିତ କରାଯିବା ପରେ ବ୍ଲକର ଅନେକ ଅନୁଷ୍ଠାନ ଓ ବ୍ୟକ୍ତି ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ସତ୍ୟ, ଶାନ୍ତି, ଦୟା, କ୍ଷମା ସଂସାରରେ ସାର ଜିନିଷ ଅଟେ। ଏହା ଆଚରଣ କରୁ ନ ଥିବା ବ୍ୟକ୍ତିର ଜନ୍ମ ବିଫଳ। ଏଥିରେ ସନ୍ଦେହ ନାହିଁ।
-ଶ୍ରୀ ଅଭିରାମ ପରମହଂସ



**ସଂକ୍ଷେପରେ**

## ନୂଆବର୍ଷରେ ଚିଲିକା ଉତ୍ସବମୁଖର

ବାଲୁଗାଁ,୧୧ (ଡି.ଏନ.ଏ.) : ନୂଆବର୍ଷ ଉପଲକ୍ଷେ ବୁଧବାର ପର୍ଯ୍ୟଟନ କ୍ଷେତ୍ର ଚିଲିକା ଚଳଚଞ୍ଚଳ ହୋଇ ଉଠିଥିଲା। ସକାଳୁ ଚିଲିକା ପରିଭ୍ରମଣ ନିମନ୍ତେ ଦୂରଦୂରାନ୍ତରୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଏଠାରେ ପହଞ୍ଚି ଚିଲିକା ଭ୍ରମଣ କରିବା ସହ ବଣଭୋଜିର ଆସର କରି ମଜା ଉଠାଇଥିଲେ। ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ଯାତାୟାତ ଲାଗି ରହିଥିବା ବେଳେ ସମଗ୍ର ଚିଲିକା ଅଞ୍ଚଳ ଉତ୍ସବମୁଖର ପରିଲକ୍ଷିତ ହୋଇଥିଲା। ଚିଲିକା ସମେତ ନିକଟସ୍ଥ ମା' ନାରାୟଣୀ ପୀଠ, ମା' ଭଗବତୀଙ୍କ ପୀଠ, ମା' ବିରଜାଇଙ୍କ ପୀଠ ଏବଂ ଶାଳିଆ ଡ୍ୟାମର ପ୍ରାକୃତିକ ସୌନ୍ଦର୍ଯ୍ୟଭରା ଦୃଶ୍ୟକୁ ପର୍ଯ୍ୟଟକମାନେ ଭ୍ରମଣ କରିଥିଲେ। ମା' କାଳିଜାଇ ପୀଠ, ବିଦେଶାଗତ ପକ୍ଷୀ ଏବଂ ଡଲଫିନଙ୍କ ଜଳକ୍ରୀଡା ଦୃଶ୍ୟ ଉପଭୋଗ କରିବା ନିମନ୍ତେ ବଡକୂଳ ପାନ୍ଥନିବାସ ଏବଂ ବାଲୁଗାଁ ଚିଲିକା କୂଳରୁ ଯାତ୍ରି ପରିବହନ ନିମନ୍ତେ ବ୍ୟାପକ ଡଙ୍ଗା ନିୟୋଜିତ ହୋଇଥିଲା।

## ବିଜୁ ଯୁବ ବାହିନୀର ଚାରାରୋପଣ



ଜଟଣୀ,୧୧(ଡି.ଏନ.ଏ.): ଗଛଟିଏ ଲଗାଇବା, ପରିବେଶ ସୁରକ୍ଷା ରଖିବା। ୨୦୨୦ ବର୍ଷ ସାରା ଗଛ ଲଗାଇ ପ୍ରଦୂଷଣ ମୁକ୍ତ ଓ ସୁସ୍ଥ ପରିବେଶ ସୃଷ୍ଟି କରିବା ସ୍ଲୋଗାନ ଦେଇ ଓ ଲକ୍ଷ୍ୟ ନେଇ ବିଜୁ ଯୁବବାହିନୀ ପକ୍ଷରୁ ବୁଧବାର ଜଟଣୀର ବିଭିନ୍ନ ସ୍ଥାନରେ ଚାରାରୋପଣ କରାଯାଇଥିଲା। ବର୍ଷର ବିଭିନ୍ନ ସମୟରେ ଏହି କାର୍ଯ୍ୟକ୍ରମ ଜାରି ରଖିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଜୁ ଯୁବବାହିନୀର ସ୍ଥାନୀୟ ସଭାପତି ଆଦିତ୍ୟ ମହାରଥୀଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ଏଥିରେ ପୂର୍ବତନ କାଉନ୍ସିଲର ବିଜୟ ପଣ୍ଡା, ଏନ୍.ସୀତା ଓ ଅନ୍ୟମାନେ ଯୋଗଦେଇ ବୃକ୍ଷରୋପଣ କରିବା ସହ ଲୋକଙ୍କୁ ସଚେତନ କରିଥିଲେ।

## ୧୯୮୫ ବ୍ୟାଚ୍‌ର ବନ୍ଧୁମିଳନ

ବେଗୁନିଆ,୧୧ (ଡି.ଏନ.ଏ.): ବେଗୁନିଆ ବ୍ଲକ ସର୍ବପୁରାତନ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟର ୧୯୮୫ ବ୍ୟାଚ୍‌ର ବନ୍ଧୁମିଳନ ସ୍ଥାନୀୟ ମା' ବରମୂଳେଇଙ୍କ ପୀଠ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବ୍ୟାଚର ପୁରାତନ ଛାତ୍ରୀଛାତ୍ରମାନେ ଯୋଗଦେଇ ଛାତ୍ରଜୀବନ ସ୍ମୃତିକୁ ମନେ ପକାଇଥିଲେ। କେତେଜଣ ବନ୍ଧୁଙ୍କ ବିୟୋଗ ହୋଇଯାଇଥିବାରୁ ସେମାନଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ସରକାରୀ ଓକିଲ ସୁଶାନ୍ତ କୁମାର ରାୟ, ସୁନୀଲ କୁମାର ସାହୁ, ଅଞ୍ଜନ ପ୍ରଧାନ, ଅନିଲ କୁମାର ସାହୁ, ସୁରେନ୍ଦ୍ର ସେନାପତି ପ୍ରମୁଖଙ୍କ ସହଯୋଗରେ କାର୍ଯ୍ୟକ୍ରମ ପାଳନ କରାଯାଇଥିଲା।

### ଉବୁକା ଦର୍ଶନ, ଭୋଜି ପାଇଁ ଚଳଚଞ୍ଚଳ ଅତ୍ରି

# ସନ୍ଧ୍ୟା ହେଲେ ଅନ୍ଧାରରେ କୁଆକୁଣ୍ଡ



ଖୋର୍ଦ୍ଧା ଅଫିସ,୧୧ (ଡି.ଏନ.ଏ.) : ପ୍ରକୃତିର ଏକ ଅନବଦ୍ୟ ଉପହାର ଉଷ୍ଣ ପ୍ରସ୍ରବଣ। ଏହାର ଉଷ୍ଣ ପ୍ରସ୍ରବଣ କୁଣ୍ଡ(କୁଆ କୁଣ୍ଡ)ରୁ ବାହାରୁଥିବା ଗରମ ପାଣିର ଉବୁକା ପର୍ଯ୍ୟଟକଙ୍କ ମନ କିଣି ନେଇଥାଏ। ଏହି ଉବୁକା ଆନନ୍ଦ ଧ୍ୱନିରେ ଚଞ୍ଚଳ ଓ ବୃହତ୍ତର ହୁଏ। ପର୍ଯ୍ୟଟକମାନେ କୁଣ୍ଡରେ ମୁଦ୍ରା, ଚାଉଳ, ପୁଷ୍ପ, ଚନ୍ଦନ, ଦୁବ, ବରକୋଳି ପତ୍ର, ତୁଳସୀ ଓ ହଳଦୀ ଗୁଣ୍ଡ କୁଣ୍ଡକୁ ନିକ୍ଷେପ କରନ୍ତି। ନୂଆବର୍ଷ ଅବସରରେ ଉବୁକା ଦର୍ଶନ ଓ ଭୋଜିଭାତ ପାଇଁ ଚଳଚଞ୍ଚଳ ହୋଇ ଉଠିଥିଲା ଉଷ୍ଣ ପ୍ରସ୍ରବଣ ଅଞ୍ଚଳ। ପ୍ରାୟ ବର୍ଷେ ତଳେ କୁଆ କୁଣ୍ଡ ନିକଟରେ ଲାଗିଥିବା ବିଦ୍ୟୁତ୍ ଲାଇଟ ଖରାପ ହୋଇଯିବାରୁ ଏହାର ମରାମତି କରାଯାଇନାହିଁ। ଫଳରେ ସନ୍ଧ୍ୟା ହେଲା ପୀଠ ପରିସର ଅନ୍ଧାର ସାଙ୍ଗକୁ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ତେବେ ଏହାର ମରାମତି କାର୍ଯ୍ୟ ତୁରନ୍ତ କରିବାକୁ ସାଧାରଣରେ ଦାବି ହେଉଛି। ବିଭିନ୍ନ ଅଞ୍ଚଳର ପର୍ଯ୍ୟଟକମାନେ ପୀଠରେ ବୁଲି ମଜା ନେବା ସହ ଭୋଜିଭାତ ଓ ନାଚଗୀତରେ ମସ୍‌ଗୁଲ ହୋଇଥିଲେ। ଏଠାରେ ଦୋଳିର ବ୍ୟବସ୍ଥା ଥିବାରୁ ଛୋଟ ପିଲାମାନେ ଦୋଳିର ମଜା ନେଇଥିଲେ।

**ଉପେକ୍ଷିତ ପର୍ଯ୍ୟଟନ କ୍ଷେତ୍ର**

### ନାହିଁ ପୋଲିସ ପାଟ୍ରୋଲିଂ

ଏଠାରେ ପୋଲିସ ପାଟ୍ରୋଲିଂ କରାଯାଉନାହିଁ। ନୂଆବର୍ଷ ଅବସରରେ ହଜାର ହଜାର ପର୍ଯ୍ୟଟକଙ୍କ ଗହଳି ଲାଗି ରହିଥିବାବେଳେ ପୋଲିସ ପାଟ୍ରୋଲିଂ ବ୍ୟବସ୍ଥା ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ପର୍ଯ୍ୟଟନସ୍ଥଳ ବାଘମାରୀ ଥାନା ଅଧୀନରେ ରହିଛି। ଏଠାରେ ବୁଧବାର ୪ଟି ଛୋଟ ଗଣ୍ଡଗୋଳ ଘଟିଥିଲା। ଜଣେ ବ୍ୟକ୍ତିଙ୍କ ୫ ଶହ ଟଙ୍କା ଚୋରି ହୋଇଥିଲା। ଏହାକୁ ନେଇ କିଛି ସମୟ ଚାପା ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ଗଣ୍ଡଗୋଳ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା। କ୍ରମଶଃ ଉତ୍ତେଜନା ଆପେ ଆପେ ପ୍ରଶମିତ ହୋଇଯାଇଥିଲା।

### ମକର ମହୋତ୍ସବ ପ୍ରସ୍ତୁତି ଚାଲିଛି

ଆସନ୍ତା ୧୫ ତାରିଖରେ ମକର ମହୋତ୍ସବ ଲାଗି ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଉଷ୍ଣ ପ୍ରସ୍ରବଣ ପରିସରରେ ମହୋତ୍ସବସ୍ଥଳକୁ ମାଟି ପକାଇ ପୋତିବା ଆରମ୍ଭ ହୋଇଛି। ଅତ୍ରି ପାନ୍ଥନିବାସକୁ ରଙ୍ଗ ଦିଆଯିବା ସହ ନବୀକରଣ କାର୍ଯ୍ୟ ଚାଲିଛି। ତେବେ ବାଘମାରୀରୁ ଅତ୍ରିକୁ ପଡିଥିବା ୨ କିମି ରାସ୍ତା ମରାମତି କରାଯାଉନାହିଁ। ଫଳରେ ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମା ହେବା ଦ୍ୱାରା ଦୁର୍ଘଟଣା ଘଟୁଛି। ମକର ମହୋତ୍ସବ ପୂର୍ବରୁ ଏହାର ମରାମତି ପାଇଁ ସାଧାରଣରେ ଦାବି ହେଉଛି।

## ଭିନ୍ନ ଢଙ୍ଗରେ ନୂଆବର୍ଷ ପାଳିଲେ କୃଷ୍ଣପ୍ରସାଦବାସୀ



ଦଳବେହେରାସାହିର ଲୋକେ ନୂଆବର୍ଷକୁ ସ୍ୱାଗତ ଜଣାଇବାକୁ ଯାଇ ନାମଯଜ୍ଞ କରୁଛନ୍ତି ।

କୃଷ୍ଣପ୍ରସାଦ,୧୧(ଡି.ଏନ.ଏ.): ୨୦୨୦ ନୂଆବର୍ଷକୁ ସ୍ୱାଗତ ଜଣାଇ ଲୋକମାନେ ଡିଜେ, ଡ୍ୟାନ୍ସ, ମଦ, ଆମିଷ ଭୋଜିରେ ଉତ୍ସବ ମନାଉଥିବା ବେଳେ କୃଷ୍ଣପ୍ରସାଦ ଅଞ୍ଚଳବାସୀ ଭିନ୍ନ ଶୈଳୀରେ ସ୍ୱାଗତ ଜଣାଇଛନ୍ତି। ସମଗ୍ର ମାନବ ସମାଜ ସୁଖଶାନ୍ତିରେ ଜୀବନ ବିତାଇବା ଉଦ୍ଦେଶ୍ୟରେ ପ୍ରତ୍ୟୁଷରୁ ଦୁଆର ମୁହଁରେ କଳସ ବସାଇ ଆମିଷକୁ ବାରଣ କରି ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ନବବର୍ଷକୁ ପାଳନ କରିଥିଲେ। କୃଷ୍ଣପ୍ରସାଦ ଦଳବେହେରାସାହିସ୍ଥିତ ଶ୍ରୀ ଗାଦିଶ୍ୱର ଦେବଙ୍କ ମନ୍ଦିର ପ୍ରାଙ୍ଗଣରେ ମାର୍ଫତଦାର ପ୍ରଦୀପ କୁମାର ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥିରେ ୪ ମେଳ ସଙ୍କୀର୍ତ୍ତନ ଦଳ ଅଂଶଗ୍ରହଣ କରି ନାମ ପରିବେଷଣ କରିଥିଲେ। ଦଣ୍ଡଯାତ୍ରା ମ୍ୟାନେଜର ସୁବାସ ଚନ୍ଦ୍ର ସ୍ୱାଇଁ, ମାଷ୍ଟର ଅଜୟ କୁମାର ଜେନା, ପାଟଦେଶୁଆ ପ୍ରକାଶ କୁମାର ପ୍ରଧାନ, ଗାଦିଶ୍ୱର ଦେବଙ୍କ ମୁଖ୍ୟ ସେବକ ବିରଞ୍ଚି ନାରାୟଣ କେଶରୀ ପ୍ରମୁଖ ସହଯୋଗ କରିଥିଲେ। ସେହିଭଳି ଟିଛିଣି, ପଥରକଟା, ସାନଅଁଳ ଆଦି ଗ୍ରାମରେ ପ୍ରତ୍ୟୁଷରୁ ନାମକୀର୍ତ୍ତନ ଆରମ୍ଭ ହୋଇ ସନ୍ଧ୍ୟା ୭ ଟା ପର୍ଯ୍ୟନ୍ତ ଚାଲିଥିଲା।

### ଜଟଣୀରେ ବ୍ୟାପକ ଟ୍ରାଫିକ୍ ସମସ୍ୟା

# ପାର୍କିଂ ବ୍ୟବସ୍ଥା ନାହିଁ, ଲୋକେ ହଇରାଣ



ଜଟଣୀ ବଜାର ରାସ୍ତାରେ ଗାଡି ରଖିବା ଯୋଗୁ ଟ୍ରାଫିକ୍ ଜାମ୍ ହେଉଛି ।

ଜଟଣୀ,୧୧(ଡି.ଏନ୍.ଏ.): ଜଟଣୀରେ ଟ୍ରାଫିକ୍ ସମସ୍ୟା ଯୋଗୁ ଘଣ୍ଟା ଘଣ୍ଟା ଧରି ରାସ୍ତା ଜାମ୍ ହୋଇ ରହୁଛି। ଫଳରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ଏଥିପ୍ରତି ପୋଲିସ ଓ ପ୍ରଶାସନର ଦୃଷ୍ଟି ପଡୁନି। ଏହି ସମସ୍ୟା ପାଇଁ ଅନେକ ସମୟରେ ଛୋଟବଡ ଦୁର୍ଘଟଣା ଘଟିବା ସହ ଜରୁରୀ କାର୍ଯ୍ୟରେ ଯାଉଥିବା ପଥଚାରୀ ହଇରାଣ ହେଉଛନ୍ତି। ବେଳେ ବେଳେ ଆମ୍ବୁଲାନ୍ସ, ଦମକଳ ଗାଡି ମଧ୍ୟ ଟ୍ରାଫିକ୍ ଜାମ୍‌ରେ ଫସିଯାଉଥିବା ନଜିର ରହିଛି। ଖୋର୍ଦ୍ଧାରୁ ପିପିଲିକୁ ସଂଯୋଗ କରୁଥିବା ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ସଡକପଥ ଜଟଣୀ ମୁଖ୍ୟରାସ୍ତାରେ ଅଧିକ ଏହି ସମସ୍ୟା ସୃଷ୍ଟି ହେଉଛି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସଡକପଥ ହୋଇଥିବାରୁ କିଛିବର୍ଷ ପୂର୍ବେ ଏହି ରାସ୍ତାର ନବୀକରଣ ଓ ପ୍ରଶସ୍ତୀକରଣ କରାଯାଇ ଦୁଇ ଥାକିଆ କରାଯାଇଥିଲା। ସୁବିଧାରେ ଯାନବାହନ ଚଳାଚଳ କରିବା ଲକ୍ଷ୍ୟରେ ଦୁଇ ଥାକିଆ କରାଯାଇଥିବା ଏହି ସଡକପଥରେ ଯଥାପୂର୍ବଂ ତଥା ପରମ୍ପରା ନୀତିରେ ଟ୍ରାଫିକ୍ ସମସ୍ୟା ଲାଗି ରହିଛି।

ରାସ୍ତାପାର୍ଶ୍ୱରେ ଅନେକ ସରକାରୀ, ଘରୋଇ କାର୍ଯ୍ୟାଳୟ ସହ ଦୋକାନ ରହିଥିବା କାରଣରୁ ଲୋକେ ରାସ୍ତା ଉପରେ ଯାନବାହନ ରଖିବା ଦ୍ୱାରା ଏପରି ସମସ୍ୟା ଉପୁଜୁଛି। ଯାନବାହନଗୁଡିକ ରାସ୍ତାର ଅର୍ଦ୍ଧାଧିକ ସ୍ଥାନ ଅବରୋଧ କରି ରଖିବା ଦ୍ୱାରା ଯାତାୟାତରେ ଘୋର ସମସ୍ୟା ସୃଷ୍ଟି କରୁଛି। ପାର୍କିଂ ବ୍ୟବସ୍ଥା ନ ଥିବାରୁ ରାସ୍ତା ଉପରେ ଯାନବାହନ ରଖିବା ଛଡା ଲୋକଙ୍କ ନିକଟରେ ଅନ୍ୟ ଉପାୟ ନାହିଁ। ପ୍ରଶାସନ ପକ୍ଷରୁ ବା ଯେଉଁ ସରକାରୀ ତଥା ଘରୋଇ କାର୍ଯ୍ୟାଳୟ ରାସ୍ତାପାର୍ଶ୍ୱରେ ରହିଛି ସେମାନେ ମଧ୍ୟ ଏଥିପ୍ରତି କୌଣସି ଦୃଷ୍ଟି ଦେଉନାହାନ୍ତି। ଫଳରେ ସାଧାରଣ ଜନତା ହିଁ ଏହି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଟଣୀ ମୁଖ୍ୟ ରାସ୍ତା ବ୍ୟତୀତ ସହରର ନୀଳଚକ୍ର ମାର୍କେଟ୍, ରାଜାବଜାର ଆଦି ଜନଗହଳିପୂର୍ଣ୍ଣ ବଜାର ଅବସ୍ଥା ମଧ୍ୟ ସମାନ। ଏଠାରେ ମଧ୍ୟ ବ୍ୟାପକ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏହିସବୁ ବଜାରରେ ଅନେକ ଦୋକାନ ଓ ଘର ରାସ୍ତା ଉପରକୁ ମାଡି ଆସି ଅବରୋଧ କରିଥିବାରୁ ଗୋଟିଏ ଚାରିଚକିଆ ଯାନ ଯିବା ପାଇଁ ଅସୁବିଧା ହେଉଅଛି। ଯଦି ଗୋଟିଏ ଭାରିଯାନ ବଜାର ମଧ୍ୟରେ ପ୍ରବେଶ କରେ ରାସ୍ତା ଖାଲି ହେବାକୁ ବହୁ ସମୟ ଲାଗୁଛି। ଏପରି କି ଅନେକ ସରକାରୀ ଡ୍ରେନ୍ ଉପରେ ଦୋକାନ ଓ ଘର ନିର୍ମାଣ ହେବା ସହ ବିକ୍ରୟ ସାମଗ୍ରୀ ରାସ୍ତା ଉପରେ ରଖାଯାଇ ବ୍ୟବସାୟ କରିବା ଦ୍ୱାରା ଏହି ସମସ୍ୟା ଅଧିକ ବଢିଯାଇଛି। ସୃଷ୍ଟି ହେଉଥିବା ଏହି ଟ୍ରାଫିକ୍ ସମସ୍ୟା ଦୂରକରିବାକୁ ପୋଲିସ ଓ ପ୍ରଶାସନ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

## ଟିକାତାଳ ଶ୍ରୀରାମକୃଷ୍ଣ ସେବାଶ୍ରମରେ କଳ୍ପତରୁ ଉତ୍ସବ

ବୋଲଗଡ,୧୧(ଡି.ଏନ.ଏ.): ଶ୍ରୀରାମକୃଷ୍ଣ ଦେବଙ୍କ କଳ୍ପତରୁ ଉତ୍ସବ ଅବସରରେ ବୁଧବାର ବୋଲଗଡ ବ୍ଲକ ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମ ଚଳଚଞ୍ଚଳ ହୋଇଉଠିଛି। ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ୧୮୮୬ର ପ୍ରଥମ ଦିବସରେ ଶ୍ରୀରାମକୃଷ୍ଣ ପରମହଂସ ତାଙ୍କର ଭକ୍ତମାନଙ୍କ ଉଦ୍ଦେଶ୍ୟରେ ଚୈତନ୍ୟ ଉଦୟ ହେଉ ବୋଲି ଆଶୀଷ ପ୍ରଦାନ କରିଥିଲେ। ଏହା ଶୁଣି ଗୃହସ୍ଥ ଭକ୍ତମାନେ ମନ୍ତ୍ରମୁଗ୍ଧ ହୋଇ ଖୁସି ହୋଇଥିଲେ। ସେହିଦିନଠାରୁ ଜାନୁୟାରୀ ପ୍ରଥମ ଦିବସରେ ଶ୍ରୀରାମକୃଷ୍ଣ ମଠ ମିଶନ, ସେବାଶ୍ରମ ଓ କେନ୍ଦ୍ରଗୁଡିକରେ କଳ୍ପତରୁ ଉତ୍ସବ ପାଳନ ହୋଇଆସୁଛି। ଟିକାତାଳସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମ ପରିସରରେ ପ୍ରାତଃ ସମୟରେ ଭକ୍ତମାନଙ୍କ ଦ୍ୱାରା ଶ୍ରୀରାମକୃଷ୍ଣ ଦେବ ଓ ମା'ସାରଦା ଦେବୀଙ୍କ ଅଷ୍ଟୋତ୍ତର ଶତନାମ ପରିବେଷିତ ହୋଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ସ୍ୱାମୀ ଭାଗବତାନନ୍ଦପୁରୀ ଶ୍ରୀରାମକୃଷ୍ଣ ଲୀଳାମୃତ ସହ ଭାଗବତ କଥାମୃତ ବିଷୟରେ ଦିଗ୍‌ଦର୍ଶନ ଦେଇଥିଲେ। ପରେ ସାମୂହିକ ଧ୍ୟାନ, ସମବେତ ଭଜନ ଓ କୀର୍ତ୍ତନ ସେବାଶ୍ରମ ପରିସରକୁ ଉତ୍ସବ ମୁଖର କରିଥିଲା। ସେବାଶ୍ରମର ସଭାପତି ବାସୁଦେବ ମହାପାତ୍ରଙ୍କ ପୌରୋହିତ୍ୟରେ ଦିଲୀପ କୁମାର ପଣ୍ଡା, ସହସମ୍ପାଦକ ସର୍ବେଶ୍ୱର ସାହୁ, ମନୋଜ କୁମାର ଗୁମାନସିଂହ ଓ ଇନ୍ଦୁମତି ଦେଈ ପ୍ରମୁଖ ଯୋଗ ଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ଉତ୍ସବ



ବରିଷ୍ଠ ନାଗରିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି ।

ଜଟଣୀ,୧୧(ଡି.ଏନ.ଏ.): ଜଟଣୀ ବ୍ଲକ ଛଣଘର-କୁଶମାଟି ପଞ୍ଚାୟତସ୍ତରୀୟ ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକ ଉତ୍ସବ ଗ୍ରାମର ଶ୍ରୀଜଗନ୍ନାଥଙ୍କ ମନ୍ଦିର ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ହୋଇଥିଲା। ବାଳକୃଷ୍ଣ ସାମନ୍ତରାୟଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ଅବସରପ୍ରାପ୍ତ ପ୍ରଶାସକ ତଥା ବରିଷ୍ଠ ନାଗରିକ ସୁରେନ୍ଦ୍ର ମିଶ୍ର, ସରପଞ୍ଚ ସୁନୀଲ ରାଉତରାୟ, ସମିତି ସଭ୍ୟ ହରମୋହନ ରାଉତରାୟ, ରବି ସ୍ୱାଇଁ, ବୀରକିଶୋର ବାରିକ ଅତିଥି ଭାବେ ଯୋଗଦେଇଥିଲେ। ବରିଷ୍ଠ ନାଗରିକମାନଙ୍କ ପାଇଁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ବିଭିନ୍ନ ସୁବିଧା ସୁଯୋଗ କିପରି ନାଗରିକମାନେ ଠିକ୍ ଭାବେ ପାଇପାରିବେ ଦାୟିତ୍ୱରେ ଥିବା ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଉପରେ ମତପ୍ରକାଶ ପାଇଥିଲା। ଏଥିସହ ବାର୍ଦ୍ଧକ୍ୟ ଭତ୍ତା ବୃଦ୍ଧି ଓ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନାରେ ସ୍ଥାନ ପାଇଥିଲା। ମୋ ଗାଁ ମୋ ବିକାଶ ଯୋଜନାରେ ଗ୍ରାମରେ ଥିବା ପାଠାଗାରକୁ ବରିଷ୍ଠ ନାଗରିକମାନେ କାର୍ଯ୍ୟାଳୟ ଭାବେ ବ୍ୟବହାର କରିପାରିବେ ବୋଲି ସରପଞ୍ଚ, ସମିତି ସଭ୍ୟ ଘୋଷଣା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅଧିକ ବୟସ୍କ ତଥା ଶିକ୍ଷାବିତ୍ କାଳିପ୍ରସାଦ ଦାସ ଓ ବାବାଜୀ ଚରଣ ବେହେରାଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ସମ୍ପାଦକ ଦୁର୍ଗାଚରଣ ସାହୁ ମଞ୍ଚର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସୂଚନା ଦେଇଥିଲେ। ମଞ୍ଚର ପୂର୍ବତନ ସଭାପତି ସ୍ୱର୍ଗତ ବାଇନ ଚରଣ ସାହୁଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ନୃସିଂହ ଚରଣ ସାହୁ, ତୀର୍ଥମୋହନ ଶତପଥୀ, ହରିହର ସୁବୁଦ୍ଧି, ନିକୁଞ୍ଜ ରାଉତରାୟ, ଧବଳେଶ୍ୱର ମହାନ୍ତି, ଉମ୍ବରୁଧର ସେଠୀ, ଗୌରହରି ମହାନ୍ତି, ବିରଞ୍ଚି ନାରାୟଣ ଭଟ୍ଟାଚାର୍ଯ୍ୟ ଓ ଅନ୍ୟ ସଦସ୍ୟଙ୍କ ଦ୍ୱାରା କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଅଭିନବ ସ୍ମୃତିଚାରଣ : ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ବୃକ୍ଷରୋପଣ

ବାଲୁଗାଁ,୧୧ (ଡି.ଏନ.ଏ.) : ନୂଆବର୍ଷ ଅବସରରେ ବାଲୁଗାଁ ନିକଟସ୍ଥ ଅଲାଇଡ଼ିହ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ଅଭିନବ ଉପାୟରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ସ୍ମୃତିଚାରଣ, ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ୩୫ ପୂର୍ବପୁରୁଷଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୂର୍ବାହ୍ନରେ ଗ୍ରାମ୍ୟ ବ୍ରାହ୍ମଣ ସମାଜ ପକ୍ଷରୁ ଶ୍ମଶାନ ଅଞ୍ଚଳରେ ଶତାଧିକ ବୃକ୍ଷରୋପଣ କରାଯାଇଥିଲା। ଅପରାହ୍ନରେ ସମ୍ପୃକ୍ତ ପୂର୍ବପୁରୁଷମାନଙ୍କ ତୈଳଚିତ୍ର ସହ ଗ୍ରାମ ପରିକ୍ରମା କରାଯାଇଥିଲା। ଏହିଅବସରରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ନାରୁଣୀ ମହାବିଦ୍ୟାଳୟର ଅଧ୍ୟାପକ ସତ୍ୟ ଷଡଙ୍ଗୀ, ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରଥ ଓ ଶିକ୍ଷକ ମହେଶ୍ୱର ଜେନା ଯୋଗଦେଇ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଏହା ଅଭିନବ ପଦକ୍ଷେପ ବୋଲି ଆଲୋକପାତ କରିଥିଲେ। ଶକ୍ତି ପ୍ରସାଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରମୋଦ ମହାପାତ୍ର ସଭା ପରିଚାଳନା କରିଥିଲେ। ଗ୍ରାମର ବୟୋଜ୍ୟେଷ୍ଠ ତଥା କମିଟି ମୁଖ୍ୟ ସଭ୍ୟମାନେ ପୂର୍ବପୁରୁଷମାନଙ୍କ ସ୍ମୃତିଚାରଣ କରିବା ସହ ଆଗାମୀବର୍ଷରେ ଏହିପରି ପ୍ରୟାସ ଜାରି ରହିବ ବୋଲି ବକ୍ତବ୍ୟ ରଖିଥିଲେ। ଶେଷରେ ବିଘ୍ନେଶ୍ୱର ପଣ୍ଡା ଧନ୍ୟବାଦ ଦେଇଥିଲେ।



ଅଲାଇଡ଼ିହ ଗ୍ରାମବାସୀ ବୃକ୍ଷରୋପଣ କରୁଛନ୍ତି ।

# ପୁନରୁଦ୍ଧାର ଅପେକ୍ଷାରେ ସ୍ମୃତିପୀଠ





ଜରାଜୀର୍ଣ୍ଣ ଅବସ୍ଥାରେ ସ୍ମୃତିପୀଠ । ସ୍ମୃତିପୀଠରେ ପୂଜା ପାଉଥିବା ଭକ୍ତକବି ଗୌରଚରଣ ଅଧିକାରୀଙ୍କ ପ୍ରତିମୂର୍ତ୍ତି ।

ବେଗୁନିଆ:୧୧(ଡିଏନ୍ଏ): ହିନ୍ଦୁଧର୍ମର ଅନ୍ୟତମ ଆଦୃତ ଧର୍ମଗ୍ରନ୍ଥ ହେଉଛି 'କୃଷ୍ଣଲୀଳା'। ଏହି ଗ୍ରନ୍ଥରେ କୃଷ୍ଣଙ୍କ ବାଲ୍ୟଲୀଳା ତଥା ଜନ୍ମଠାରୁ କଂସବଧ ପର୍ଯ୍ୟନ୍ତ ସମସ୍ତ କଥାକୁ ଅତି ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି। ଏଥିରେ ୩୧୭ ଛନ୍ଦ ଓ ୩୬୫ ଗୀତର ସମାହାରକୁ ନେଇ କୃଷ୍ଣଲୀଳା। ଆଦୃତି ଲାଭ କରିଥିବା କୃଷ୍ଣଲୀଳା ଗ୍ରନ୍ଥର ରଚୟିତା ହେଉଛନ୍ତି ଭକ୍ତକବି ଗୌରଚରଣ ଅଧିକାରୀ। ତାଙ୍କ ସ୍ମୃତିରେ ବେଗୁନିଆ ବ୍ଲକର ଡିଙ୍ଗର ପଞ୍ଚାୟତ ଲେହେଙ୍ଗରେ ନିର୍ମାଣ କରାଯାଇଛି ଭକ୍ତକବି ଗୌରଚରଣ ସ୍ମୃତିପୀଠ। କିନ୍ତୁ ସରକାରୀ ଅବହେଳା, ପ୍ରଚାର ଓ ପ୍ରସାର ପାଇଁ ଉଦ୍ୟମ କରାଯାଉନାହିଁ। ଫଳରେ ଏବେ ଏହି ସ୍ମୃତିପୀଠଟି ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଗଲାଣି। ତୁରନ୍ତ ଏହାର ପୁନରୁଦ୍ଧାର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକର ଲେହେଙ୍ଗ ଗ୍ରାମରେ ୧୮୧୪ରେ ଜନ୍ମଗ୍ରହଣ କରିଥିଲେ ଗୌରଚରଣ। ତାଙ୍କ ବାଲ୍ୟନାମ ଥିଲା ପଦ୍ମଚରଣ। ୧୮୨୯ ରେ ସେ ବୈଷ୍ଣବ ଧର୍ମଗ୍ରହଣ କରିବା ପରେ ତାଙ୍କ ନାମ ବଦଳି ହୋଇଥିଲା ଦ୍ୱିଜ ଗୌରଚରଣ ଅଧିକାରୀ। ହିନ୍ଦୁଧର୍ମ ଉପରେ ବହୁଗ୍ରନ୍ଥ ବିଶେଷକରି କବିତା ଆକାରରେ ସେ ରଚନା କରିଥିଲେ। କିନ୍ତୁ କୃଷ୍ଣଲୀଳା ତାଙ୍କୁ ବେଶ୍ ପରିଚୟ ଦେଇଥିଲା। ସେହିଭଳି ଗୌରଚରଣ ଭଜନ ଶତକ, ଲକ୍ଷ୍ମୀନାରାୟଣ କଳି, ଗୌରଚରଣ ପଦାବଳି ଆଦି ବହୁ ପୁସ୍ତକ ବେଶ୍ ଲୋକପ୍ରିୟତା ହାସଲ କରିଛି।

**ଭକ୍ତକବିଙ୍କୁ ଭକ୍ତି ନାହିଁ**

୧୮୯୦ ରେ ପୁରୀର ସିଦ୍ଧ ବ୍ରହ୍ମଚାରୀ ମଠରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କୁ ମନେପକାଇବା ପାଇଁ ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ପ୍ରତିବର୍ଷ କାର୍ତ୍ତିକ ପଞ୍ଚକରେ ଲେହେଙ୍ଗ, ସିମୋର, ପଣସବସ୍ତ ସମେତ କେତେକ ଗ୍ରାମରେ କୃଷ୍ଣଲୀଳାରୁ ଆଧାରିତ ନାଚ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି। ସେହିଭଳି ତାଙ୍କ ସ୍ମୃତିରେ ଲେହେଙ୍ଗ ଗାଁରେ ସ୍ମୃତିପୀଠ ନିର୍ମାଣ କରାଯାଇଛି। କିନ୍ତୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ କରାଯାଉନାହିଁ। ଏଣୁ ଜରାଜୀର୍ଣ୍ଣ ଅବସ୍ଥାକୁ ଚାଲିଗଲାଣି। ସ୍ମୃତିପୀଠର ଚାରିପାଖ ଏବେ ଅଳିଆ ଆବର୍ଜନାରେ ଭରି ରହିଛି। ସଂସ୍କୃତି ବିଭାଗ କିମ୍ବା ପ୍ରଶାସନିକ ସ୍ତରରେ ଏହାର ପୁନରୁଦ୍ଧାର ଦିଗରେ କୌଣସି ଠୋସ୍ ପଦକ୍ଷେପ ନିଆଯାଉନାହିଁ। ଏଣୁ ତୁରନ୍ତ ସରକାର ସ୍ମୃତିପୀଠର ପୁନରୁଦ୍ଧାର ଦିଗରେ ଧ୍ୟାନ ଦେବାକୁ ଦିବାକର ମହାପାତ୍ର ଏବଂ ଅଜିତ ପଟ୍ଟନାୟକ ଆଦି ଦାବି କରିଛନ୍ତି। ଏପରି କି ଅଧାଗଢ଼ା ଥିବା ସ୍ମୃତିପୀଠ କୋଠାର ଛାତ ଘରକୁ ଶେଷ କରିବାକୁ ସରକାରୀ ଅନୁଦାନ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି।

## ଶ୍ରୀମା ଶ୍ରୀଅରବିନ୍ଦ ପାଠଚକ୍ରର ୩୧ତମ ବାର୍ଷିକ ଉତ୍ସବ

ବୋଲଗଡ ,୧୧(ଡି.ଏନ.ଏ.) ବୋଲଗଡ ବ୍ଲକ କନ୍ତାଇଲୋ ବିଦ୍ୟାଳୟଠାରେ ବୁଧବାର ଶ୍ରୀମା ଶ୍ରୀଅରବିନ୍ଦ ପାଠଚକ୍ରର ୩୧ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରତିବର୍ଷ ପରି ନୂଆବର୍ଷର ଆରମ୍ଭରେ ଶ୍ରୀଅରବିନ୍ଦ ପାଠଚକ୍ର ପକ୍ଷରୁ ବାର୍ଷିକୋତ୍ସବ ଆୟୋଜିତ ହୋଇଆସୁଛି। ଅନୁଷ୍ଠିତ ଉତ୍ସବରେ ଆଖପାଖ ଅଞ୍ଚଳରୁ ବିଭିନ୍ନ ପାଠଚକ୍ରରୁ ଅପାଭାଇମାନେ ଯୋଗ ଦେଇଥିଲେ। ଏଠାରେ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଦିବ୍ୟ ଜୀବନୀ ଓ ବାଣୀର ଆଲୋକପାତ କରାଯାଇଥିଲା। ପୂର୍ବାହ୍ନରେ ଶ୍ରୀମାଶ୍ରୀଅରବିନ୍ଦଙ୍କର ଉଦ୍ଦେଶ୍ୟରେ ଧୂପ, ପୁଷ୍ପ ଅର୍ପଣ କରାଯାଇଥିଲା। ପରେ ସମବେତ ଧ୍ୟାନ, ଦୁର୍ଗାସ୍ତୋତ୍ର ପଠନ, ମା' ବହି ପଠନ ଓ ମନ୍ତ୍ର ଆବୃତ୍ତି କରାଯାଇଥିଲା। ମା'ଭଗବତୀଙ୍କ କରୁଣା ଏବଂ ସାଂସାରିକ ଜୀବନ ହେବ ଭଗବତମୟ ଶୀର୍ଷକ ବିଷୟ ଉପରେ ଆଲୋଚନା ହୋଇଥିଲା । ପରେ ପାଠଚକ୍ରରେ ସାରାଂଶ ଆଲୋଚନା କରାଯାଇଥିଲା। ପାଠଚକ୍ର ଉତ୍ସବରେ ପିଲା ଓ ମହିଳାପୁରୁଷ ଶ୍ରଦ୍ଧାଳୁମାନେ ଯୋଗ ଦେଇଥିଲେ। ପାଠଚକ୍ରକୁ କରୁଣାକର ଜେନା ସଂଯୋଜନା କରିଥିଲାବେଳେ, ବୈକୁଣ୍ଠ, ପଞ୍ଚୁ, ଲିଲିଆ, ପିଙ୍କି ଓ ସସ୍ମିତା ପ୍ରମୁଖଙ୍କ ସମେତ ପାଠଚକ୍ରର ଅପାଭାଇମାନେ ପରିଚାଳନାରେ ସହଯୋଗ କରିଥିଲେ।

**ପ୍ରତିଭା ଚୟନ ଉତ୍ସବ**

ବ୍ରହ୍ମଗିରି,(ଡି.ଏନ୍.ଏ.): ପଣସପଦାସ୍ଥିତ ସମ୍ଭାବନା ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପ୍ରତିଭା ଚୟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉକ୍ତ ଅଞ୍ଚଳର କୃତୀ ଛାତ୍ରୀଛାତ୍ରଙ୍କୁ ଚୟନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥିଭାବେ ଶୁଭନାରାୟଣ ଶତପଥୀ, ରମାଶଙ୍କର ପାତ୍ର, ଅମୂଲ୍ୟ ସୁନ୍ଦରା ପ୍ରମୁଖ ଯୋଗଦେଇଥିଲେ।

# ୫ ବର୍ଷରେ ୩୫୦ ବଳାତ୍କାର ମାମଲା

## ବର୍ଷକୁ ହାରାହାରି ୭୦, ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ

ପୁରୀ ଅଫିସ,୧୧

ଗତ ୫ ବର୍ଷ ମଧ୍ୟରେ ପୁରୀ ଜିଲାରେ ୩୫୦ ବଳାତ୍କାର ମାମଲା ରୁଜୁ ହୋଇଥିବା ବେଳେ ୩୧୦ ଜଣଙ୍କୁ ଗିରଫ କରାଯାଇଛି। ୨୦୧୯ ବର୍ଷରେ ବିଭିନ୍ନ ଥାନାରେ ବଳାତ୍କାର ଅଭିଯୋଗ ହୋଇଛି। ପୁରୀ ପୋଲିସ ମୁଖ୍ୟ କାର୍ଯ୍ୟାଳୟରୁ ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୨୦୧୪ରୁ ୨୦୧୯ ଡିସେମ୍ବର ୩୧ ତାରିଖ ସୁଦ୍ଧା ଜିଲାର ବିଭିନ୍ନ ଥାନାରେ ପ୍ରାୟ ୩୫୦ଟି ବଳାତ୍କାର ମାମଲା ରୁଜୁ ହୋଇଥିବାବେଳେ ୩୧୦ଜଣ ଗିରଫ ହୋଇଛନ୍ତି। ଏହି ହିସାବରେ ପ୍ରତି ବର୍ଷ ହାରାହାରି ୭୦ଟି ମାମଲା ରୁଜୁ ହେଉଛି। ୨୦୧୯ରେ ଚର୍ଚ୍ଚିତ ୩ଟି ପ୍ରମୁଖ ଘଟଣାକୁ ନେଇ ପୁରୀ ପୋଲିସ ନିନ୍ଦିତ ହୋଇଥିଲା।

ଜିଲାର ବିଭିନ୍ନ ଥାନାରେ ଆବଶ୍ୟକ ଷ୍ଟାଫର ଅଭାବ ରହିଛି। ଅନ୍ୟପଟେ ଜିଲାର ଅଧିକାଂଶ ଥାନାରେ ଥିବା ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟକାରୀ ହେଉ ନ ଥିବାବେଳେ ଦୀର୍ଘଦିନ ଧରି ତାଲା ମଧ୍ୟ ଝୁଲୁଥିବା ଦେଖିବାକୁ ମିଳିଛି। ଏ ନେଇ ଜିଲାର ମହିଳା ମିଶନ ମହାସଂଘ ପକ୍ଷରୁ ଥାନାରେ ମହିଳା ଓ ଶିଶୁ ଡେସ୍କ କାର୍ଯ୍ୟକ୍ଷମ ଦାବିରେ ଏସ୍‌ପି ଅଫିସରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଡିସେମ୍ବର ୩୦ରେ ପେଣ୍ଡକଟା ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ଅଭିଯୁକ୍ତ କୁମର ଜେନାଙ୍କୁ ପୋଲିସ ଗିରଫ କରିଛି। ସେହିପରି ଡିସେମ୍ବର ୨ରେ ପୋଲିସ କ୍ୱାର୍ଟର୍ସରେ ଜଣେ ନାବାଳିକାକୁ ଗଣବଳାତ୍କାର କରାଯାଇଥିବା ନେଇ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଥାନାରେ ପୋକ୍‌ସୋ ଆକ୍ଟ-୬ ପ୍ରକାରେ ନଂ. ୩୦୮/୧୯ରେ ମାମଲା ରୁଜୁ ହୋଇଥିଲା। ସେହିଦିନ ବିଳମ୍ବିତ ରାତିରେ ପୋଲିସ ଜିତେନ୍ଦ୍ର (ବହିଷ୍କୃତ କନଷ୍ଟେବଳ) ଓ ରାଜେଶ ସେଠୀ ଗିରଫ ହୋଇଥିଲେ। ଡିସେମ୍ବର ୬ରେ ଅନ୍ୟ ଅଭିଯୁକ୍ତ ବ୍ରହ୍ମଗିରି ଥାନା ଆଲିଆପୁଟରୁ ରାମଚନ୍ଦ୍ର ପ୍ରଧାନ ଏବଂ ୮ତାରିଖରେ ରାୟଗଡ଼ାର ଚେକାଗୁଡାର ନାଗାବଳୀ ସେତୁ ନିକଟରୁ ଯବାନ ବୁଲୁ ବାରିକଙ୍କୁ ଧରିଥିଲା। ଏହି ମାମଲାର ମାଷ୍ଟରମାଇଣ୍ଡ ଦମ୍ପତି ରଞ୍ଜିତ ପରିଡା ଓ ସ୍ତ୍ରୀ ସୋମ୍ୟା ଶେଫାଳିଙ୍କୁ ଭୁବନେଶ୍ୱରରୁ ଗିରଫ କରିଥିଲା। ଏହି ଘଟଣାକୁ ନେଇ ସାରା ରାଜ୍ୟରେ ନିନ୍ଦିତ ହୋଇଥିଲା ପୁରୀ ପୋଲିସ।

ସେହିଭଳି ଜୁନ ୧୬ ଗୋପ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ତିନିଜଣ ଯୁବକ ଗୋଟିଏ ଘରେ ରଖି ଗଣବଳାତ୍କାର କରିଥିବା ଘଟଣା ମାସକ ପରେ ଜଣାପଡ଼ିଥିଲା। ସୂଚନାଯୋଗ୍ୟ, ଜଣେ ନାବାଳିକାଙ୍କୁ ତିନି ଦିନ ପର୍ଯ୍ୟନ୍ତ ବଳତ୍କାର କରିବା ଓ ମାସେ ପରେ ଜଣାପଡ଼ିବା ଘଟଣା ସାଧାରଣରେ ପୋଲିସର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ପୋଲିସର ଏଭଳି ଦାୟିତ୍ୱହୀନତାକୁ ନେଇ ମାନବାଧିକାରୀ କର୍ମୀ ଜୟନ୍ତ କୁମାର ଦାଶ ଏନ୍‌ଏଚ୍‌ଆର୍‌ସିଙ୍କ ନିକଟରେ ଅଭିଯୋଗ କରିବା ସହ ପୁରୀ ଏସ୍‌ପି ଏବଂ ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଥିଲେ। ଏହି ଘଟଣାରେ ପ୍ରଶାସନ ପକ୍ଷରୁ କ'ଣ ପଦକ୍ଷେପ ନିଆଯାଇଛି, ତାହାର ରିପୋର୍ଟ ଚାରି ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଏନ୍‌ଏଚ୍‌ଆର୍‌ସି ନିର୍ଦ୍ଦେଶ ଦେଇଛନ୍ତି। ଜୁଲାଇ ୮ ପବିତ୍ର ରଥଯାତ୍ରା ସମୟରେ ମା' ଲକ୍ଷ୍ମୀ ହେରାପଞ୍ଚମୀ ଲାଗି ପ୍ରସ୍ତୁତି ଚାଲିଥିଲା। ଗୁଣ୍ଡିଚା ମନ୍ଦିର ନିକଟ ପୌର ବସଷ୍ଟାଣ୍ଡ ପରିସରରେ ଏକ ଘରୋଇ ବସ୍‌ରେ ଜଣେ ନାବାଳିକାଙ୍କୁ ବସ୍‌ର ଜଣେ କର୍ମଚାରୀ ବଳାତ୍କାର କରିଥିବା ନେଇ ଅଭିଯୋଗ ହୋଇଥିଲା। ରଥଯାତ୍ରାରେ ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ପୋଲିସ ମୁତୟନ ରହିଥିବାବେଳେ କିଭଳି ଜଣେ ନାବାଳିକାଙ୍କୁ ପୋଲିସ ସୁରକ୍ଷା ଦେଇପାରିଲା ନାହିଁ, ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା।



ମନ୍ତ୍ରୀ ଟୁକୁନି ସାହୁ ସାକ୍ଷୀଗୋପାଳଙ୍କ ଦର୍ଶନ କରି ଫେରୁଛନ୍ତି।

## ସାକ୍ଷୀଗୋପାଳଙ୍କ ଦର୍ଶନ କଲେ ମନ୍ତ୍ରୀ ଟୁକୁନି ସାହୁ

ସାକ୍ଷୀଗୋପାଳ,୧୧(ଡି.ଏନ୍.ଏ.)

ନୂଆବର୍ଷରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବା ପରେ ସାକ୍ଷୀଗୋପାଳଙ୍କ ଦର୍ଶନ ସହ ପୂଜାର୍ଚ୍ଚନା କରିଛନ୍ତି। ଦର୍ଶନ ବେଳେ ଅଧିକାରୀ ଓ ସ୍ଥାନୀୟ ନେତୃ ମଣ୍ଡଳୀ ଉପସ୍ଥିତ ଥିଲେ। ଭୋର ୪ଟାରୁ ସାକ୍ଷୀଗୋପାଳଙ୍କ ମନ୍ଦିର ଦ୍ୱାର ଖୋଲାଯିବା ପରେ ମଙ୍ଗଳ ଆଳତି, ବେଶ ମଇଲମ, ମର୍ଦ୍ଦନ, ଅବକାଶ ପରେ ଠାକୁରଙ୍କୁ ଘୋଡ଼ଲାଗି ବେଶ କରାଯାଇଥିଲା। ବଲ୍ଲଭ, ପହିଲିଭୋଗ ଓ ସକାଳଧୂପ ପରେ ମନ୍ଦିରରେ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇଥିଲା। ଠାକୁରଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିଥିଲା। ସେହିପରି ବୀରଗୋବିନ୍ଦପୁର ମା' ଦକ୍ଷିଣକାଳୀ ଓ ବରାଳ ବାଲୁଙ୍କେଶ୍ୱର ଦେବଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

## ସଂକ୍ଷେପରେ



### ବସ୍ତ୍ର ପାଇ ଖୁସିରେ ଫେରିଲେ ୨ ବନ୍ଧୁ

**ପୁରୀ ଅଫିସ,୧୧:** ନୂତନ ବର୍ଷ ଅବସରରେ ପୁରୀ ସେବା ସମିତି ପକ୍ଷରୁ ମରୀଚିକୋଟ ସ୍ଥିତ କାର୍ଯ୍ୟାଳୟ ଆଗରେ ବସନ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବହୁ ଗରିବ, ଅସହାୟ ବ୍ୟକ୍ତିଙ୍କୁ ପ୍ୟାଣ୍ଟଶାର୍ଟ, ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ତେବେ ସୁବର୍ଣ୍ଣପୁରରୁ ଆସିଥିବା ଦୁଇଜଣ ବନ୍ଧୁ ବେଳାଭୂମିରେ ନିଜ ବସ୍ତ୍ର, ଟଙ୍କା, ବ୍ୟାଗ ହରାଇ ବୁଲୁଥିବାବେଳେ ବସନ ସେବାରୁ ପିନ୍ଧିବା ଲାଗି ପୋଷାକ ପାଇ ଖୁସି ହୋଇଥିଲେ। ଉଭୟଙ୍କ ଆଖିରୁ ଆନନ୍ଦାଶ୍ରୁ ଝରି ପଡ଼ିଥିଲା। ସମିତିର ସହସମ୍ପାଦକ ସୌମେନ୍ଦ୍ର ଦାସ କହିଛନ୍ତି, ୨ଶହରୁ ଊର୍ଦ୍ଧ୍ୱ ଲୋକଙ୍କୁ ବସ୍ତ୍ର ଯୋଗାଇ ଦିଆଯାଇଛି। ଆଗାମୀ ଦିନରେ ବିଭିନ୍ନ ସ୍ଥାନରେ କ୍ୟାମ୍ପ କରାଯାଇ ଅଧିକରୁ ଅଧିକ ଲୋକଙ୍କୁ ଯୋଡ଼ିବା ଲାଗି ଯୋଜନା କରାଯିବ। ଗୁରୁଦତ୍ତ ମହାନ୍ତି, ଜିତେନ୍ଦ୍ର ବାରିକ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ସଚ୍ଚିଦାନନ୍ଦ ଦାଶ, ଶ୍ରୀକାନ୍ତ ପଣ୍ଡା, ଦେବେନ୍ଦ୍ର ନନ୍ଦ, ସତ୍ୟକାମ ସାହୁ ଶିବିର ପରିଚାଳନା କରିଥିଲେ।

### ଯୁବକଙ୍କୁ ମାଡ଼ ପ୍ରତିବାଦରେ ରାସ୍ତା ଅବରୋଧ

**ବ୍ରହ୍ମଗିରି,୧୧(ଡି.ଏନ୍.ଏ.):** ପୋଲିସ ଜଣେ ଯୁବକଙ୍କୁ ମାଡ଼ ମାରିବା ପ୍ରତିବାଦରେ ବୁଧବାର ରାତିରେ ସ୍ଥାନୀୟ ଯୁବକମାନେ ବେଣ୍ଟପୁର ଛକଠାରେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ନୂଆବର୍ଷ ଉପଲକ୍ଷେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ବ୍ରହ୍ମଗିରି ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଛି। ବ୍ରହ୍ମଗିରି ବେଣ୍ଟପୁର ଛକ ନିକଟରେ କେତେଜଣ ଯୁବକ ମଦ୍ୟପାନ କରୁଥିବା ଖବରପାଇ ପୋଲିସ ସେଠାରେ ପହଞ୍ଚିଥିଲା। କିନ୍ତୁ ପୋଲିସ ଉକ୍ତ ଛକ ନିକଟରେ ପହଞ୍ଚିବା ବେଳକୁ କେତେଜଣ ଯୁବକ ଭୋଜି କରୁଥିବା ଦେଖିବାକୁ ପାଇଥିଲେ। ଉକ୍ତ ଯୁବକମାନେ ବିଶୃଙ୍ଖଳା କରୁଥିବା ସନ୍ଦେହରେ ପୋଲିସ ସେମାନଙ୍କୁ ଗାଳିଗୁଲଜ କରିବା ସହ ଜଣେ ମହିଳା ସବଇନିସ୍‌ପେକ୍ଟର ଜଣେ ଯୁବକଙ୍କୁ ମାଡ଼ ମାରିଥିଲେ। ପୋଲିସ ବିନା କାରଣରେ ମାଡ଼ ମାରିବା ପ୍ରତିବାଦରେ ଏହି ଯୁବକମାନେ ବେଣ୍ଟପୁର ଛକ ନିକଟରେ ପୁରୀ-ସାତପଡ଼ା ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ରିପୋର୍ଟ ଲେଖା ହେବା ବେଳକୁ ରାସ୍ତାରୋକୋ ଜାରି ରହିଥିବା ଜଣାପଡିଛି।

### ସମୁଦ୍ର ସ୍ନାନ ବେଳେ ୭ ଆହତ

**ପୁରୀ ଅଫିସ, ୧୧:** ସମୁଦ୍ର ସ୍ନାନ ବେଳେ ବୁଧବାର ଜୁଆର ମାଡ଼ରେ ୭ଜଣ ଆହତ ହୋଇଛନ୍ତି। ସେମାନେ ହେଲେ କନ୍ଧମାଳର ମଞ୍ଜୁଳା ଜୈନ, ପଶ୍ଚିମବଙ୍ଗର ସଞ୍ଜିତ ଗୋରରର, ଶର୍ମିଷ୍ଠା ନାନ୍‌ସୀ, ଆଶା ଶାହା, ରିଆ ପଲ୍, ଝାଡଖଣ୍ଡର ସାବିତ୍ରୀ ଦେବୀ ଏବଂ ବିହାରର କିରଣ ଦାସ। ଏମାନଙ୍କୁ ତୁରନ୍ତ ନିଆଯାଇ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

### ଫଳ, ବସ୍ତ୍ର ବଣ୍ଟନ

**ଗୋପ/କୋଣାର୍କ,୧୧(ଡି.ଏନ୍.ଏ):** ନୂଆବର୍ଷରେ ପିଙ୍ଗଳାକ୍ଷୀ ପବ୍ଲିକ୍ ୱେଲ୍‌ଫେୟାର ଅର୍ଗାନାଇଜେଶନ ନିମାପଡ଼ା ପକ୍ଷରୁ ସଙ୍ଗଠନର ପ୍ରତିଷ୍ଠା ଦିବସ ଅବସରରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀଙ୍କୁ ଫଳ ଓ ପାଉରୁଟି ବଣ୍ଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସଙ୍ଗଠନର ସଭାପତି ରାଜକିଶୋର ସାବୁତ, ଡ. ଜସ୍ମିନ୍ ଆଫ୍ରୋଜ୍ ଉପସ୍ଥିତ ଥିଲେ। ଏଆଇଟିୟୁସି ଶ୍ରମିକ ସଙ୍ଗଠନ ପକ୍ଷରୁ ୬୦ଜଣ ଅସହାୟ, ଦିବ୍ୟାଙ୍ଗ ଓ ବୃଦ୍ଧାବୃଦ୍ଧଙ୍କୁ କମ୍ବଳ ବଣ୍ଟନ କରାଯାଇଛି। ଶ୍ରମିକ ନେତା ଗୋଲେଖ ଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ସୂର୍ଯ୍ୟମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଥିବା ୧୫ଜଣ ଅସହାୟ ବୃଦ୍ଧାବୃଦ୍ଧ ଓ ଦିବ୍ୟାଙ୍ଗଙ୍କ ସମେତ ସ୍ଥାନୀୟ ଅର୍ବାନ ହାଟରେ ୪୫ଜଣ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ଏଥିରେ ଶ୍ରମିକ ନେତା ସୁରେଶ ଚନ୍ଦ୍ର ବିଶ୍ୱାଳ, ନଟବର ସେନାପତି, ଉପମନ୍ୟୁ ବିଶ୍ୱାଳ ଓ ଯୁବ ସଂଗଠକ ଗୋପୀନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସାମନ୍ତ ସିଂହାର ନାୟକ,ବାପୁନି କୁମାର ବିଶ୍ୱାଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲୁକାକଳା ମହୋତ୍ସବ ଉଦ୍‌ଯାପିତ

ପୁରୀ ଅଫିସ,୧୧

ସୁଦର୍ଶନ ସ୍ୟାଣ୍ଡ ଆର୍ଟ ଇନ୍‌ଷ୍ଟିଚ୍ୟୁଟ୍ ଆନୁକୂଲ୍ୟରେ ହୋଟେଲ ମେ' ଫେୟାର ପଛ ପାର୍ଶ୍ୱ ବେଳାଭୂମିରେ ଚାଲିଥିବା ରାଜ୍ୟସ୍ତରୀୟ ବାଲୁକା କଳା ମହୋତ୍ସବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୩୦ ଜଣ ବାଲୁକା ଶିଳ୍ପୀ ଭାଗ ନେଇଥିଲେ। ଡିସେମ୍ବର ୨୬ରୁ ଜାନୁଆରୀ ୧ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ସୂଚନା ବିଜ୍ଞାନ ଅଧିକାରୀ ବିଶ୍ୱନାଥ ପଣ୍ଡା, ଚିତ୍ରଶିଳ୍ପୀ ବ୍ରଜରାଜ ସେନାପତି, ବାଲୁକା ଶିଳ୍ପୀ ବୁଲୁ ମହାନ୍ତି, ଜିତେନ୍ଦ୍ର କିଶୋର ଜଗଦେବ ଓ ଅନୁପମ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଇନ୍‌ଷ୍ଟିଚ୍ୟୁଟର ମୁଖ୍ୟ ତଥା ଅର୍ନ୍ତଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ସମସ୍ତ ପ୍ରତିଯୋଗୀଙ୍କୁ ପ୍ରଶଂସାପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସାଂସ୍କୃତିକ ସଙ୍ଗଠକ ଶ୍ୟାମପ୍ରକାଶ ସେନାପତି ସଂଚାଳନ କରିଥିଲେ। ପ୍ରତିଯୋଗୀମାନେ ବିଭିନ୍ନ ଦିବସରେ ଖ୍ରୀଷ୍ଟମାସ, ସଂସ୍କୃତି, ସମୁଦ୍ର ଜୀବଜନ୍ତୁ, ସଡ଼କ ସୁରକ୍ଷା, ପ୍ରକୃତି ସୁରକ୍ଷା, ପ୍ଲାଷ୍ଟିକ ପ୍ରଦୂଷଣ ଏବଂ ଐତିହ୍ୟ ଓ ପରମ୍ପରା ବିଷୟ ଉପରେ ବାଲୁକା କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବାନାମ୍ବର ପଟ୍ଟନାୟକ, ସନ୍ତୋଷ ନାୟକ, ଚନ୍ଦନ କୁମାର ପଟ୍ଟନାୟକ ପ୍ରମୁଖ ସହଯୋଗ କରିଥିଲେ।



ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଯୋଗୀମାନେ।

## ନିମ୍ନମାନର ଛତୁଆ ଯୋଗାଣ ଅଭିଯୋଗ

କଣାସ:୧୧(ସ୍ୱ.ପ୍ର.)

କଣାସ ବ୍ଲକର ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁଙ୍କୁ ଖାଇବାକୁ ଦିଆଯାଉଥିବା ଛତୁଆର ମାନ ନିମ୍ନମାନର ଥିବା ଅଭିଯୋଗ ହୋଇଛି। ଶିଶୁଙ୍କ ଶରୀରକୁ ଛତୁଆ କ୍ଷତି ପହଞ୍ଚାଉଛି। ଯାଞ୍ଚ କରିବା ପାଇଁ ଆବଶ୍ୟକ କର୍ମଚାରୀ ନାହାନ୍ତି। ସୂଚନା ଅନୁଯାୟୀ, ଅଙ୍ଗନୱାଡ଼ି କେନ୍ଦ୍ରଗୁଡ଼ିକୁ ତଦାରଖ ପାଇଁ କଣାସଠାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପର କାର୍ଯ୍ୟାଳୟ ରହିଛି। ଏଠାରେ ୧୨ଜଣ ସୁପରଭାଇଜର ରହିବା କଥା। କିନ୍ତୁ ଏଠାରେ ୬ଜଣ ସୁପରଭାଇଜର୍ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ଉପରେ କାର୍ଯ୍ୟଚାପ ରହୁଥିବାରୁ ନିୟମିତ କେନ୍ଦ୍ରଗୁଡ଼ିକୁ ଯାଇ ଛତୁଆ ଯାଞ୍ଚ କରିପାରୁ ନାହାନ୍ତି। ନିମ୍ନମାନର ଛତୁଆ ନେଇ ପୂର୍ବରୁ କେତେଜଣ ବ୍ୟକ୍ତି ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏବଂ ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏ ନେଇ ସିଡିପିଓ ଜ୍ୟୋତ୍ସ୍ନାମୟୀ ପଣ୍ଡା କୁହନ୍ତି, ନିମ୍ନମାନର ଛତୁଆ ଯୋଗାଣ ନେଇ ଅଭିଯୋଗ ଆମ ପାଖକୁ ଆସିଥିଲା। ଛତୁଆକୁ ଯାଞ୍ଚ ପାଇଁ ଲାବୋରେଟରି ପଠାଯାଇଛି।

## ଖବରକାଗଜ ବିତରକ ସଂଘ ପକ୍ଷରୁ ବିଧାୟକଙ୍କୁ ସମ୍ବର୍ଦ୍ଧନା



ପୁରୀ ଅଫିସ, ୧୧

ଶ୍ରୀଜଗନ୍ନାଥ ଖବରକାଗଜ ବିତରକ ମହାସଂଘ ପକ୍ଷରୁ ବୁଧବାର ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଛି। ସଂଘର ସଦସ୍ୟମାନେ ବିଧାୟକଙ୍କୁ ଭେଟି ନୂତନ ବର୍ଷର ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ବନମାଳି ଦେଓ, ଦିଲୀପ ମହାନ୍ତି, ଶାନ୍ତନୁ ସାହୁ, ହରିହର ମହାନ୍ତି, ବେଣୁଧର ସାହୁ, ଚନ୍ଦନ ମହାନ୍ତି, ରାମ କିଶୋର ସାମନ୍ତରାୟ, ଚିତ୍ତରଞ୍ଜନ ସାହୁ, ବସନ୍ତ ପ୍ରଧାନ, ମନୋଜ ସାହୁ, କର୍ପୂର ମହାନ୍ତି, ଯୋଗେନ୍ଦ୍ର ପାଳ, ଗୋପୀନାଥ ବେହେରା, ବିକାଶ ମହାନ୍ତି, ପ୍ରଦୀପ ମହାନ୍ତି, ବିଜୟ ସାହୁ, ପ୍ରତାପ ସାହୁ, ଜଗନ୍ନାଥ ମହାନ୍ତି, ଝରିଆ ସାହୁ, ବଳଭଦ୍ର ସାହୁ, ଭାଗିରଥି ନାୟକ ଉପସ୍ଥିତ ଥିଲେ। ସେହିପରି ବୈକୁଣ୍ଠ ପରିଡ଼ା, ରାଜକିଶୋର ସାହୁ, ସୁଦର୍ଶନ ବେହେରା, ମୁରଲି ବେହେରା, ସୁରେନ୍ଦ୍ର ମହାନ୍ତି, କୁଞ୍ଜ ପ୍ରଧାନ, ମୁରୁଲି ବେହେରା, ସୁରେନ୍ଦ୍ର ମହାନ୍ତି, ବିକାଶ କୁମାର ମହାନ୍ତି, ସୁରେନ୍ଦ୍ର ସାହୁ, ଶୁଭ ପଟ୍ଟନାୟକ, ଶୁଭେନ୍ଦୁ ବରାଳ, କମ୍ବୁପାଣି ମହାନ୍ତି, ଦିପକ ନାୟକ, ଅନ୍ତର୍ଯ୍ୟାମୀ ମହାପାତ୍ର, ସନ୍ତୋଷ ବେହେରା, ସନ୍ତୋଷ ସ୍ୱାଇଁ, ବାଳକୃଷ୍ଣ ପ୍ରଧାନ, ଚରଣ ମହାନ୍ତି, ଭିକାରୀ ଚରଣ ସାହୁ, ଲକ୍ଷ୍ମୀଧର ବେହେରା, ସୌମ୍ୟରଞ୍ଜନ ସାହୁ, ବୃନ୍ଦାବନ ସାହୁ, ଦିବାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ସତ୍‌ସଙ୍ଗ ଭବନରେ ସାମୂହିକ ସୁନ୍ଦରାକାଣ୍ଡ ପାଠ

ପୁରୀ ଅଫିସ, ୧୧

ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ସତ୍‌ସଙ୍ଗ ଭବନରେ ବୁଧବାର ସାମୂହିକ ସୁନ୍ଦରାକାଣ୍ଡ ପାଠ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ପ୍ରାନ୍ତରୁ ଆସିଥିବା ଶ୍ରଦ୍ଧାଳୁମାନେ ସାମୂହିକ ଭାବେ ଏହି ପାଠ କରିଥିଲେ। ଆଗାମୀ ୬ରୁ ୧୫ତାରିଖ ପର୍ଯ୍ୟନ୍ତ ଗୋରୁଆଳସ୍ଥିତ ଗୋଧାମ ଗୋଶାଳା ପରିସରରେ ମହର୍ଷି ମହେଶ ଯୋଗୀଙ୍କ ଶତବାର୍ଷିକୀ ଉତ୍ସବ ପାଳନ କରାଯିବ। ଏ ନେଇ ଆଲୋଚନା ହୋଇଥିଲା। ଗୋବଂଶର ସୁରକ୍ଷା, ବିଶ୍ୱର କଲ୍ୟାଣ ଲାଗି ଏହି କାର୍ଯ୍ୟକ୍ରମ ଆୟୋଜନର ଲକ୍ଷ୍ୟ ବୋଲି ମତ ପ୍ରକାଶ ପାଇଥିଲା। ପଣ୍ଡିତ ବିଷ୍ଣୁଚରଣ ପଣ୍ଡା ଓ ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ▪ଦୃଷ୍ଟିହୀନ ଯୋଗୁ ଭିଡ଼ରେ ଶ୍ରୀମନ୍ଦିର ଯାଇପାରିଲେନି
## ମାର୍କେଟ ଛକରେ ଶ୍ରୀଜୀଉଙ୍କୁ ଦୁଃଖ ଜଣାଇଲେ ପ୍ରକାଶ

**ପୋଲିସ ଶୁଣିଲାନି ନେହୁରା**



ପୁରୀ ଅଫିସ, ୧୧

ବହୁତ ଆଶା ନେଇ ଶ୍ରୀକ୍ଷେତ୍ର ଆସିଥିଲି। ପୂର୍ବରୁ ଗଣମାଧ୍ୟମରୁ ଜାଣିବାକୁ ପାଇଥିଲି ଯେ, ଶ୍ରୀମନ୍ଦିର ସୌନ୍ଦର୍ଯ୍ୟକରଣ ଓ ଦିବ୍ୟାଙ୍ଗମାନଙ୍କ ଲାଗି ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ବୁଧବାର ସକାଳେ ମୁଁ ସ୍ତ୍ରୀଙ୍କ ସହିତ ମାର୍କେଟ ଛକରେ ପହଞ୍ଚିଥିଲି। ଜଣେ ଦୃଷ୍ଟିହୀନ ହୋଇଥିବାରୁ ଦିବ୍ୟାଙ୍ଗଙ୍କ ଲାଗି ଉଦ୍ଦିଷ୍ଟ ବ୍ୟାଟେରି ଗାଡ଼ିରେ ଶ୍ରୀମନ୍ଦିର ନିକଟକୁ ନେଇଯିବା ପାଇଁ ଜଗନ୍ନାଥ ବଲ୍ଲଭ ଛକଠାରେ ପୋଲିସକୁ ନେହୁରା ହୋଇଥିଲି। କେହି ମୋ କଥା ଶୁଣି ନ ଥିଲେ। ଏକଥା କୋହଭରା କଣ୍ଠରେ କହିଛନ୍ତି ବାଲେଶ୍ୱରରୁ ଆସିଥିବା ଜଣେ ଭକ୍ତ ଦୃଷ୍ଟିବାଧିତ ପ୍ରକାଶ ମହାନ୍ତି। ସେ କହିଛନ୍ତି, ଦୃଷ୍ଟିହୀନ ହୋଇଥିବାରୁ ମାର୍କେଟ ଛକରେ ଭକ୍ତଙ୍କ ଲାଗି ନିର୍ମିତ ବ୍ୟାରିକେଡ ଦେଇ ଭିଡ଼ରେ ଯିବା ମୁସ୍କିଲ ଥିଲା। ବାମପଟେ ମଧ୍ୟ ପ୍ରବଳ ଗହଳି ଲାଗିଥିଲା। ଠେଲାପେଲାରେ ଯାଇପାରି ନ ଥାନ୍ତି। ଏଣୁ ମାର୍କେଟ ଛକରେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଯୋଡ଼ହସ୍ତରେ ପ୍ରଣାମ କରି ଫେରି ଯାଇଥିଲୁ। ମୁଁ ଦୃଷ୍ଟିହୀନ ବୋଲି ମହାପ୍ରଭୁଙ୍କ ନିକଟକୁ ଯିବାର ସୌଭାଗ୍ୟରୁ ବଞ୍ଚିତ ହେଲି। ତେବେ ଏଭଳି ଭବ୍ୟ ବ୍ୟବସ୍ଥା କାହିଁକି ବୋଲି ସେ ପ୍ରଶ୍ନ କରିଛନ୍ତି। ମୁଁ ମୋ' ସାଥିରେ ନେଇଥିବା ଦିବ୍ୟାଙ୍ଗ ସାର୍ଟିଫିକେଟ ଡ୍ୟୁଟିରତ ପୋଲିସ କର୍ମଚାରୀଙ୍କୁ ଦେଖାଇଥିଲୁ। ମାତ୍ର ଏଥିପ୍ରତି କେହି ଧ୍ୟାନ ଦେଇ ନ ଥିଲେ ବୋଲି କ୍ଷୋଭର ସହ କହିଛନ୍ତି ପ୍ରକାଶ। ଦିବ୍ୟାଙ୍ଗମାନଙ୍କ ପାଇଁ ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା କରିବାକୁ ସେ ସରକାରଙ୍କୁ ଅନୁରୋଧ କରିଛନ୍ତି।

# ଚୋରା ମଦ ବେପାରୀଙ୍କୁ ଗିରଫ ଦାବିରେ ରାସ୍ତାରୋକୋ

ବ୍ରହ୍ମଗିରି,୧୧(ଡି.ଏନ୍.ଏ.)

ବ୍ରହ୍ମଗିରି ବ୍ଲକ ଅନ୍ତର୍ଗତ ରେବଣା ନୂଆଗାଁର ମହିଳାମାନେ ବୁଧବାର ମଦ ବିରୋଧ ଆନ୍ଦୋଳନ ପାଇଁ ପ୍ରସ୍ତୁତ ହେଉଥିବା ବେଳେ ଦୁଇ ଜଣ ଚୋରା ବେପାରୀ ମଦ ଚାଲାଣ କରୁଥିଲେ। ସେମାନଙ୍କୁ ମହିଳାମାନେ ଅଟକ ରଖିବା ପରେ ଗିରଫ ଦାବିରେ ରେବଣାନୂଆଗାଁ ଠାରେ ରାସ୍ତାରୋକୋ କରିଥିଲେ। ସୂଚନା ଅନୁଯାୟୀ, ରେବଣା ନୂଆଗାଁକୁ ନିଶାମୁକ୍ତ କରିବା ପାଇଁ ମହିଳାମାନେ ଏକଜୁଟ୍ ହେଉଥିଲେ। କପିଳେଶ୍ୱରପୁର ଗ୍ରାମ ନିକଟ ଗେଣ୍ଡାପଡ଼ା ଗ୍ରାମର ଏକ ଦମ୍ପତି ଚୋରା ଦେଶୀମଦ ଆଣି ରେବଣା ନୂଆଗାଁ ସ୍ଥିତ ମଦବ୍ୟବସାୟୀଙ୍କୁ ବିକ୍ରି କରୁଥିଲେ। ଏହି ସମୟରେ ୫ଶହରୁ ଊର୍ଦ୍ଧ୍ୱ ମହିଳା, ଦୁଇ ଗାଁର ସଭାପତି ଚରଣ ବରାଳ, ରାଜୁ ସ୍ୱାଇଁ, ଧୀରେନ ଜଗଦେବ ପ୍ରମୁଖ ମଦ ଯୋଗାଉଥିବା ଦମ୍ପତିଙ୍କୁ ଅଟକାଇଥିଲେ। ଏହି ଦମ୍ପତିଙ୍କୁ ଗିରଫ ଦାବି କରି ରେବଣାନୂଆଗାଁ ଠାରେ ପୁରୀ-ସାତପଡା ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ଉଭୟ ପାର୍ଶ୍ୱରୁ ଆସୁଥିବା ସମସ୍ତ ଯାନବାହନ ଅଟକି ରହିଥିଲା। ଖବରପାଇ ବ୍ରହ୍ମଗିରି ପୋଲିସ ପହଞ୍ଚି ଅଟକ ଥିବା ଦମ୍ପତିଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ପୋଲିସ ରେବଣା ନୂଆଗାଁର ମଦ ବିକ୍ରି କରୁଥିବା ଜଣେ ମହିଳାଙ୍କ ସମେତ ଏହି ଦମ୍ପତ୍ତିଙ୍କୁ ଥାନାକୁ ଆଣି ଅଟକ ରଖି ପଚରାଉଚରା ଚଳାଇଛି।




ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## ପୁସ୍ତକ ଉନ୍ମୋଚିତ, 'ନ୍ୟାୟ ପାଇଁ ସଂଘର୍ଷ' ଗଠିତ

ନିମାପଡ଼ା,୧୧(ଡି.ଏନ୍.ଏ.)

ନୂଆବର୍ଷ ଅବସରରେ ନିମାପଡ଼ାରେ 'ନ୍ୟାୟ ପାଇଁ ସଂଘର୍ଷ' ନାମକ ସ୍ୱେଚ୍ଛାସେବୀ ସଙ୍ଗଠନ ବୁଧବାର ଗଠିତ ହୋଇଛି। ଶୁଭମ୍ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ଉଦ୍‌ଘାଟନ ଉତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ଚିନ୍ତାମଣି ପଣ୍ଡା, ଡା. ନେତ୍ରାନନ୍ଦ ଭୋଇ, କୋଣାର୍କ ରେଡ଼ିଓ ନମସ୍କାରର ସଭାପତି ଏନ୍.ଏ. ଶାହ ଅନ୍‌ସାରୀ, ଆଇନ୍‌ଜୀବୀ ପ୍ରତାପ ଚନ୍ଦ୍ର ମହାନ୍ତି, ପ୍ରଭାକର ଜେନା, ଶିକ୍ଷାବିତ୍ ସୁଦର୍ଶନ ଲେଙ୍କା, ସାମାଜିକ କର୍ମୀ ରୀତାରାଣୀ ସେଠ୍, ଆଦର୍ଶ ଦାଶ ପ୍ରମୁଖ ଯୋଗଦେଇଥିଲେ। ସାହିତ୍ୟିକ ଲକ୍ଷ୍ମୀଧର ସାହୁଙ୍କ ରଚିତ ଦୁଇଟି ପୁସ୍ତକ 'ସଂଘମିତ୍ରା' ଓ 'ନିମାପଡ଼ା ଇତିହାସର ଅଜ୍ଞାତ ଅଧ୍ୟାୟ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ନେତ୍ରାନନ୍ଦ ଭୋଇ, କାର୍ଯ୍ୟକାରୀ ସଭାପତି ପ୍ରଭାକର ଜେନା, ଉପସଭାପତି ସୁଦର୍ଶନ ଲେଙ୍କା, ସାଧାରଣ ସମ୍ପାଦକ ପ୍ରତାପ ଚନ୍ଦ୍ର ମହାନ୍ତି, ସମ୍ପାଦକ ରୀତାରାଣୀ ସେଠ, କୋଷାଧ୍ୟକ୍ଷ ବ୍ରହ୍ମାନନ୍ଦ ସ୍ୱାଇଁ ଏବଂ ମୁଖ୍ୟ ଉପଦେଷ୍ଟା ଭାବେ ଚିନ୍ତାମଣି ପଣ୍ଡାଙ୍କ ନାମ ଘୋଷଣା କରାଯାଇଥିଲା।

## ସ୍ୱାଧୀନତା ସଂଗ୍ରାମୀ ମୋହନ ଦାଶଙ୍କ ସ୍ମୃତି ସମାରୋହ

ନିମାପଡ଼ା,୧୧(ଡି.ଏନ୍.ଏ.)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ମୋହନ ଦାଶଙ୍କ ୨୫ତମ ସ୍ମୃତି ସମାରୋହ ବୁଧବାର ନିମାପଡ଼ା ଦୋଳବେଦି ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ସାମ୍ୟବାଦୀ ନେତା ଦେବେନ୍ଦ୍ରନାଥ ସାହୁ, ପଦ୍ମଚରଣ ସାହୁ, ଅନିଲ ବିଶ୍ୱାଳ, ସ୍ମୃତି କମିଟି ସମ୍ପାଦକ ସନ୍ତୋଷ ଦାଶ ପ୍ରମୁଖ ଯୋଗଦେଇ ଫଟୋଚିତ୍ରରେ ମାଲ୍ୟାର୍ପଣ କରିବା ସହ ସ୍ମୃତିଚାରଣ କରିଥିଲେ। ଦୋଳବେଦି ଛକରେ ଥିବା ମୋହନ ଦାଶଙ୍କ ପ୍ରତିମୂର୍ତ୍ତିରେ ବହୁ ବିଶିଷ୍ଟ ବ୍ୟକ୍ତି ପୁଷ୍ପ ମାଲ୍ୟାର୍ପଣ କରିଥିଲେ।

# ଓଡ଼ିଶୀ, ଛାନ୍ଦ, ଚମ୍ପୂ ମନ ମୋହିଲା




ବାର୍ଷିକ ଉତ୍ସବରେ ସମୂହ ସଙ୍ଗୀତ ପରିବେଷଣ କରାଯାଉଛି।

ପୁରୀ ଅଫିସ, ୧୧

ସିଦ୍ଧ ମହାବୀର ସଙ୍ଗୀତ ପରିଷଦର ୧୫ତମ ବାର୍ଷିକୋତ୍ସବ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ମହନ୍ତ ରାମଚରଣ ଦାସ ମହାରାଜ, ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ସଙ୍ଗୀତ ଗୁରୁ ଚନ୍ଦ୍ରମଣି ଲେଙ୍କା, ବରିଷ୍ଠ ସାମାଜିକକର୍ମୀ ଚକ୍ରଧର ମହାପାତ୍ର ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ କଳା ସଂସ୍କୃତିର ଜଗତର ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ଗୁରୁ ସତ୍ୟ ମହାପାତ୍ର ଓ ଗୁରୁ ସବିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ଓଡ଼ିଶୀ, ଛାନ୍ଦ, ଚମ୍ପୂ, ଜଣାଣ, ଭଜନ ଓ ପଲ୍ଲୀ ଗୀତ ପରିବେଷଣ କରି ଶ୍ରୋତାଙ୍କୁ ବିଭୋର କରିଥିଲେ। ବାଦ୍ୟଯନ୍ତ୍ରରେ ହରିଶ୍ଚନ୍ଦ୍ର ଦାଶ, ସତ୍ୟନାରାୟଣ ଗୁରୁ, ଲକ୍ଷ୍ମୀଧର ମଲିକ, ଶକ୍ତିଭୂଷଣ ମିଶ୍ର, ଦିଲୀପ ପାଣି, ବିକାଶ କୁମାର ପଟ୍ଟନାୟକ, ବଟ ଗୋପାଳ ତ୍ରିପାଠୀ ସହଯୋଗ କରିଥିଲେ। ଗୁରୁ ସୁରେନ୍ଦ୍ର ନାୟକ ଓ ଶ୍ରୀଧର ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।